ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.286 Bhubaneswar Saturday December 30 2023 | ୨୬ତମ ବର୍ଷ ସଂଖ୍ୟା–୨୮୬ ଭୁବନେଶ୍ୱର, ଶନିବାର, ଡିସେମ୍ବର ୩୦, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ସତର୍କ କରାଇଲେ ବୈଜ୍ଞାନିକ: ବାୟୁ, ମୃତ୍ତିକା ଏବଂ ମଧୁର ଜଳରେ ବଢୁଛି କ୍ଷାରାଂଶ

ଭୁବନେଶ୍ୱର,୨୯।୧୨(ପିଏନ):ପରିବେଶରେ ଭୟଙ୍କର ପରିବର୍ତ୍ତନ ମଧ୍ୟରେ ଆଉ ଏକ ଚିନ୍ତାଜନକ ରିପୋର୍ଟ ପ୍ରକାଶ କରିଛନ୍ତି ବୈଜ୍ଞାନିକ। ଏକ ସମୀକ୍ଷାରୁ ଜଣାଯାଇଛି ଯେ, ପୃଥିବୀର ବାୟୁ, ମୃତ୍ତିକା ଏବଂ ମଧୁର ଜଳରେ କ୍ଷାର ଅଂଶ(ଲୁଣ ଭାଗ) ବୃଦ୍ଧି ପାଉଛି। ଏହା ଅନ୍ୟ କୌଣସି କାରଣ ପାଇଁ ନୁହେଁ, ବରଂ ମାନବିକ କାର୍ଯ୍ୟକଳାପ ପାଇଁ ବୃଦ୍ଧି ପାଉଥିବା ଦର୍ଶାଇଛନ୍ତି ବୈଜ୍ଞାନିକ। ଯଦି ଏହିପରି ବର୍ତ୍ତମାନର ଧାରା ଅବ୍ୟାହତ ରହେ, ତେବେ ଆଗକୁ ପାନୀୟ ଜଳ ଅଭାବର ଏକ ଘୋର ସଙ୍କଟ ଦେଖାଯିବ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି। ଏଥିସହ ପରିବେଶ ତଥା ମାନବ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏକ ବିପଦ ସୃଷ୍ଟି ହେବ। ବୈଜ୍ଞାନିକ ସମୀକ୍ଷାର ଏହି ଫଳାଫଳ ନେଚର୍ ପତ୍ରିକାରେ ପ୍ରକାଶ ପାଇଛି ।ଅନୁସନ୍ଧାନକାରୀ ଟିମ୍ ପରିବେଶରେ ଲବଣାଂଶ ବୃଦ୍ଧି ଓ ଏହି ଚକ୍ର ମାନବ ଉପରେ କିପରି ପ୍ରଭାବ ପକାଇବ ତା ଉପରେ ଧାରଣା ପାଇଁ



'ଆନ୍ଥ୍ରୋପୋଜେନିକ୍ ସଲ୍ଟ ସାଇକିଲ୍' ଟର୍ମର ବ୍ୟବହାର କରିଥିଲେ ଏବଂ ଏ ଉପରେ ନଜର ରଖିଥିଲେ। ବୈଜ୍ଞାନିକମାନେ ଜାଣିବାକୁ ପାଇଲେ ଯେ, ଖଣି, ଜମିର ବିକାଶ, କୃଷି, ନିର୍ମାଣ, ଜଳ ଓ ସଡକ ଟ୍ରିଟମେଣ୍ଟ ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରକ୍ରିୟା ଭଳି କାର୍ଯ୍ୟକଳାପ ପ୍ରାକୃତିକ 'ସଲ୍ଟ ସାଇକିଲ'କୁ ତ୍ୱରାନ୍ୱିତ କରି ଲବଣାଂଶକୁ ବ?ଇଥାଏ। ଏହା ଜୈବ ବିବିଧତାକୁ କ୍ଷତି ପହଞ୍ଚାଇପାରେ ଏବଂ ପାନୀୟ ଜଳକୁ ଅସୁରକ୍ଷିତ କରିପାରେ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି।

## ଦୁଇ ଭାଗ ହେଲା ଗାଜା, ଭୟଙ୍କର ହେବ ମଧ୍ୟପ୍ରାଚ୍ୟ ଯୁଦ୍ଧ

ନୂଆଦିଲ୍ଲୀ,୨୯।୧୨(ପି.ଏନ): ଦୁଇ ଭାଗ ଗାଜା, ଉତ୍ତର ଓ ଦକ୍ଷିଣ ଗାଜା ଭାବରେ ଭାଗ ହୋଇଛି ଗାଜା । ଇସ୍ରାଏଲ-ଗାଜା ଯୁଦ୍ଧର ଘନଘଟା ମଧ୍ୟରେ ଏହି ଘୋଷଣା କରିଛି ଇସ୍ରାଏଲ ସେନା ।ଉତ୍ତର ଗାଜାର ଚାରିପଟେ ଏବେ ଘେରି ରହିଛନ୍ତି ଇସ୍ରାଏଲି ଯବାନ। ୪୮ ଘଣ୍ଟା ମଧ୍ୟରେ ଉତ୍ତର ଗାଜା ସହର ଭିତରେ । ଜୋରଦାର ହେବ ସଂଘର୍ଷ । ସେପଟେ ଗାଜାରେ ୨୪ ଘଣ୍ଟା ମଧ୍ୟରେ ୪୫୦ ଆତଙ୍କି ଶିବିର ନଷ୍ଟ କରିଛି ଇସ୍ରାଏଲ। ୩୦ ଦିନର ଏହି ଇସ୍ରାଏଲ-ଗାଜା ଯୁଦ୍ଧ ଏବେ ଭୟଙ୍କର ରୂପ ନେଲାଣି ।ଯୁଦ୍ଧ ଆରମ୍ଭ ପରଠାରୁ ପାଖାପାଖି ୧୦ ହଜାର ପାଲଷ୍ଟିନୀୟଙ୍କ ମୃତ୍ୟୁ ହେଲାଣି । ଏସବୁ ମଧ୍ୟରେ ଯୁଦ୍ଧ ବିରାମ ପାଇଁ ଆହ୍ୱାନ କରିଛନ୍ତି ଜାତିସଂଘର ବିଭିନ୍ନ ସଂଗଠନ । ଦୁଇ ଭାଗ ଗାଜା । ଇସ୍ରାଏଲ ସେନାର ଏହି ଦାବି । ଉତ୍ତର ଗାଜା ଓ ଦକ୍ଷିଣ ଗାଜା ଭାବେ ଦୁଇ ଭାଗ । ଉତ୍ତର ଗାଜାକୁ ଘେରି ରହିଛନ୍ତି ହଜାର ହଜାର ସଂଖ୍ୟାରେ ଇସ୍ରାଏଲି ସୈନ୍ୟ। ୧୪ ଲକ୍ଷରୁ ଅଧିକ ଜନବସତିର ଏହି ଅଂଚଳକୁ ଛାଡିବାକୁ ଅଲଟିମେଟମ ଦେଇଥିଲା ଇସ୍ରାଏଲ ସେନା । ଏବେବି ସାଢେ ୩ ଲକ୍ଷ ଲୋକେ ଏହି ଅଂଚଳରେ ରହିଛନ୍ତି। ଆଗାମୀ ୪୮ ଘଣ୍ଟା ଉତ୍ତର ଗାଜା ପାଇଁ ବିପଦର ଘଣ୍ଟି । କୌଣସି ମୁହୂର୍ତ୍ତରେ ଗାଜା ଭିତରକୁ ପଶିବେ ଇସ୍ରାଏଲର ହଜାର ହଜାର ଜବାନ । ତାପରେ ଆତଙ୍କୀ ସହ ହେବ ମୁହାଁମୁହିଁ ଲଢେଇ। ୨୪ ଘଣ୍ଟାରେ ମଧ୍ୟରେ ଗାଜା ଉପରେ ଜୋରଦାର ଆକ୍ରମଣ କରିଛି ଇସ୍ରାଏଲ । ୪୫୦ ଆତଙ୍କୀ ଶିବିର ଧ୍ୱଂସ କରିଛି। ଏଥିମଧ୍ୟରେ ଏକାଧିକ ଟନେଲ, ଆତଙ୍କୀ ଶିବିର, ହମାସ ସାମରିକ ପୋଷ୍ଟ, ଆଣ୍ଟି ଟ୍ୟାଙ୍କ ମିସାଇଲକୁ ଟାର୍ଗେଟ କରି ହୋଇଥିଲା ଏୟାରଷ୍ଟ୍ରାଇକ୍ । କେନ୍ଦ୍ରୀୟ ଗାଜାର ଦୁଇ ଶରଣାର୍ଥୀ ଶିବିର ଉପରକୁ ମଧ୍ୟ ହୋଇଥିଲା ବୋମାମାଡ଼। ରବିବାର ମୋବାଇଲ ସହ ଇଣ୍ଟରନେଟ୍ ସେବା ଠପ୍ ହୋଇଯାଇଥିଲା ।ଯୁଦ୍ଧ ସ୍ଥିତିରେ ଆମେରିକା ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କ ?ନ୍ ପାଲେଷ୍ଟାଇନ ରାଷ୍ଟ୍ରପତି ମହମୁଦ ଅବ୍ବାସଙ୍କ ସହ ଆଲୋଚନା କରିଛନ୍ତି। ୱେଷ୍ଟବ୍ୟାଙ୍କ୍ ଅଂଚଳରେ ମଧ୍ୟ ଯୁଦ୍ଧ ଜୋରସୋରରେ ଚାଲିଛି। ଇସ୍ରାଏଲ ଆକ୍ରମଣରେ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଉଛି ଆମେରିକା। ଉପରାଷ୍ଟ୍ରପତି କମଳା ହାରିସ ଗାଜାକୁ ମାନବୀୟ ସହାୟତା ପଠାଇବା ଉପରେ ବିଶ୍ୱର ପ୍ରମୁଖ ରାଷ୍ଟ୍ରନେତାଙ୍କ ସହ ଆଲୋଚନା କରିଛନ୍ତି। ଗାଜା ସ୍ଥିତି ନେଇ ଜାତିସଂଘ ସୁରକ୍ଷା ପରିଷଦ ସତର୍କ ଦୃଷ୍ଟି ରଖିଛି। ସେପଟେ ବ୍ରିଟେନ ଲେବାନନରୁ ଦୂତାବାସର କିଛି କର୍ମଚାରୀଙ୍କୁ ସାମୟିକ ଭାବେ ପ୍ରତ୍ୟାହାର କରିଛି। ସଂଘର୍ଷ ମଧ୍ୟରେ ଇସ୍ରାଏଲ ଏବଂ ଗାଜା ଗସ୍ତ କରୁଥିବା ନିଜର ନାଗରିକଙ୍କୁ ଦୁଇ ଦେଶ ଛାଡିବାକୁ ଆଲର୍ଟ ଜାରି କରିଛି ବ୍ରିଟେନ୍।ସେପଟେ ମଧ୍ୟପ୍ରାଚ୍ୟ ଅଂଚଳରେ ଆଣବିକ ଶକ୍ତି ସମ୍ପନ୍ନ ଯୁଦ୍ଧପୋତ ମୁତୟନ କରିଛି ଆମେରିକା । ଇଜିପ୍ଟର ସୁଏଜ କେନାଲ ଅଂଚଳରେ ଏହି ଯୁଦ୍ଧପୋତ ମୁତୟନ ରହିଛି । ବର୍ତ୍ତମାନ ସୁଦ୍ଧା ଗାଜାରେ ଜାତିସଂଘର ୮୮ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। କୌଣସି ଯୁଦ୍ଧରେ ଏତେ ସଂଖ୍ୟକ ଜାତିସଂଘ କର୍ମଚାରୀଙ୍କ ମୃତ୍ୟୁ ପ୍ରଥମ ଘଟଣା । ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ଲେବାନନର ୪ ଜଣଙ୍କର ମୃତ୍ୟୁ ଘଟିଛି ।

## ୫-ଟି ସ୍କୁଲର ବିଚିତ୍ର ସ୍ଥିତି; ପିଇଟି ଓ ହିନ୍ଦୀ ଶିକ୍ଷକରେ ଚାଲିଛି ବିଦ୍ୟାଳୟ



ଭୁବନେଶ୍ୱର,୨୯।୧୨(ପି.ଏନ): ଭଲ ପାଠ ପଢ଼ିବେ, ଓଡିଶା ପିଲା ସ୍ମାର୍ଟ ହେବେ। ସେଥିପାଇଁ ରାଜ୍ୟ ସରକାର ଗଢ଼ିଥିଲେ ସ୍ମାର୍ଟ ସ୍କୁଲ। ୫-ଟିରେ ଅନ୍ତର୍ଭୁକ୍ତ ହେବା ପରେ ସ୍କୁଲର ରୂପରେଖ ବଦଳିଥିଲା। ହେଲେ ବଦଳିଲାନି ପିଲାମାନଙ୍କ ଭାଗ୍ୟ। ସେମାନେ ଯେମିତି ଥିଲେ, ଠିକ୍ ସେମିତି ଦୟନୀୟ ଭାବେ ପାଠ ପଢୁଛନ୍ତି। ସେମାନେ ଆଜି ପର୍ଯ୍ୟନ୍ତ ସ୍ମାର୍ଟ ହୋଇପାରିଲେ ନାହିଁ। ତାଙ୍କ କଥା ମଧ୍ୟ କେହି ବୁଝୁନାହାନ୍ତି। ତେଣୁ ବର୍ତ୍ତମାନ ପିଇଟି ଓ ହିନ୍ଦୀ ଶିକ୍ଷକରେ ଚାଲିଛି ୫-ଟି ସ୍କୁଲ୍। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ରେ ରହିଛି ରାଜଘରପୋଖରୀ ପଞ୍ଚାୟତ ହାଇସ୍କୁଲ। ଦୁଇ ବର୍ଷ ତଳେ ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିଲା। ତା'ପରେ ସ୍କୁଲ ନୂଆ ରୂପ ପାଇଥିଲା। ଚକାଚକ ହୋଇଥିଲା ସ୍କୁଲ କାନ୍ଥ। ଗଢ଼ା ଯାଇଥିଲା ଡିଜିଟାଲ୍ କ୍ଲାସ ରୁମ୍। ଏହା ପରେ ଅଭିଭାବକମାନେ ଭାବିଥିଲେ, ଏଥର ପିଲାଙ୍କ ଭାଗ୍ୟ ବଦଳିବ। ପିଲାମାନେ ସ୍ମାର୍ଟ ସ୍କୁଲରେ ବସି ପାଠ ପଢ଼ିବେ। ଦେଶର ଭବିଷ୍ୟତ ଗଢ଼ିବେ। ହେଲେ ଦୁର୍ଭାଗ୍ୟର ବିଷୟ ଚକାଚକ୍ ସ୍କୁଲକୁ ଶିକ୍ଷକଟିଏ ଦେଇପରିଲେ ନାହିଁ ସରକାର।

## ପ୍ରଧାନମନ୍ତ୍ରୀ ଫସଲ ବୀମାରେ ମହାଘୋଟାଲା, ପୁଲିସ୍ ପଞ୍ଝାରେ ୧୪

ଭୁବନେଶ୍ୱର,୨୯।୧୨(ପି.ଏନ): ଲୋକଙ୍କୁ ସୁବିଧାରେ ସରକାରୀ ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ରାଜ୍ୟରେ ଖୋଲିଛି ଶହ ଶହ ଜନସେବା କେନ୍ଦ୍ର (ସିଏସ୍‌ସି)। ସେହି ଜନସେବା କେନ୍ଦ୍ର ନାଁରେ ଆସିଛି ସାଙ୍ଘାତିକ ଅଭିଯୋଗ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କରାଯାଉଥିଲା ମହାଘୋଟାଲା। ଯାହାର ପର୍ଦ୍ଦାଫାଶ କରିଛି କୃଷି ବିଭାଗ ଓ ବଲାଙ୍ଗିର ସାଇବର ଥାନା ପୁଲିସ୍। ଚାଷୀମାନଙ୍କ ଡକ୍ୟୁମେଣ୍ଟକୁ ବ୍ୟବହାର କରି ନକଲି ଚାଷୀଙ୍କ ନାଁରେ କୋଟି କୋଟି ଟଙ୍କାର ଫସଲ ବୀମା ହଡପ୍ କରାଯାଇଥିବା କୃଷି ବିଭାଗ କହିଛି ।ଜନସେବା କେନ୍ଦ୍ରର କର୍ମଚାରୀମାନେ ଏସବୁ କାରନାମା କରୁଥିବା ଜାଣିବା ପରେ ବଲାଙ୍ଗିର



ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲା କୃଷି ବିଭାଗ। ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ପରେ ଟିମ୍ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ୧୪ ଜଣ ଜନସେବା କେନ୍ଦ୍ର କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ବହୁ ସଂଖ୍ୟାରେ ଲାପଟପ୍, କମ୍ପ୍ୟୁଟର, ମୋବାଇଲ ଜବତ କରିଥିଲା।

## ଯଶୱନ୍ତ ସିଂ ଗଜନ ମାଜରାଙ୍କୁ ଗିରଫ କଲା ଇଡି

ନୂଆଦିଲ୍ଲୀ,୨୯।୧୨(ପି.ଏନ): ପଞ୍ଜାବରେ ଘାଣ୍ଟିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ପଞ୍ଜାବ ବିଧାୟକ ଯଶୱନ୍ତ ସିଂ ଗଜନ ମାଜରାଙ୍କୁ ଗିରଫ କରିଛି ଇଡି । ୪୧ କୋଟି ଟଙ୍କାର ବ୍ୟାଙ୍କ ଘୋଟଲା ମାମଲାରେ ତାଙ୍କୁ ଗିରଫ କରାଯାଇଛି । ଏକ ସାଧାରଣ ସଭାରେ ଯୋଗ ଦେବାର କିଛି ସମୟ ପରେ ତାଙ୍କୁ ଗିରଫ କରାଯାଇଛଇ । ପୂର୍ବରୁ ଏହି ମାମଲାରେ ଯଶୱନ୍ତି ତିନି ଥର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ସମନକୁ ବେଖାତିର କରି ହାଜର ହୋଇ ନଥିଲେ । ଆପକୁ ନିନ୍ଦିତ କରିବା ଲାଗି ଇଡି ଏହି ଗିରଫଦାରୀ କରିଛି ବୋଲି ଦଳର



ମୁଖପାତ୍ର ମଲୱିନ୍ଦର କାଙ୍ଗ । ୪୧ କୋଟି ଟଙ୍କାର ଘୋଟାଲା ମାମଲାରେ ଗତ ବର୍ଷ ତାଙ୍କର ବାସଭବନକୁ ସର୍ଚ୍ଚ କରିଥିଲା ସିବିଆଇ । ସେତେବେଳେ ତାଙ୍କ ଘରୁ ମିଳିଥିଲା ୧୬ ଲକ୍ଷ ୫୭ ହଜାର ଟଙ୍କା । ପଞ୍ଜାବ ଲୁଧିଆନାର ବ୍ୟାଙ୍କ ଅଫ ଇଣ୍ଡିଆ ବ୍ରାଞ୍ଚରେ ଏହି ଘୋଟଲା ହୋଇଥିବା ଅଭିଯୋଗ ହୋଇଥିଲା ।

## ମିଳିଲା ମହାବଳ ଓ କଲରାପତରିଆ ବାଘର ପଦ ଚିହ୍ନ

ଭୁବନେଶ୍ୱର,୬।୧୧(ପି.ଏନ): କେନ୍ଦୁଝର ବନଖଣ୍ଡରୁ ଆସିଲା ଭଲ ଖବର। ମିଳିଲା ମହାବଳ ଓ କଲରାପତରିଆ ବାଘର ପଦ ଚିହ୍ନ। ଗୋଟିଏ ଲେଖାଏଁ ବାଘ ଜଙ୍ଗଲରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ଜଙ୍ଗଲରେ ଖଞ୍ଜା ଯାଇଥିବା ଟ୍ରାପ୍ କ୍ୟାମେରା ଓ ପାଦ ଚିହ୍ନରୁ ସ୍ପଷ୍ଟ ହୋଇଛି। ତେବେ ଜାନୁଆରୀ ମାସରେ ଆସିଥିବାକୁ ଥିବା ରିପୋର୍ଟରେ ବାଘ ସଂଖ୍ୟା ଜଣାପଡିବ ବୋଲି ବନ ବିଭାଗ କହିଛି ।ବାଘ ଗଣନା ପାଇଁ କେନ୍ଦୁଝର ବନଖଣ୍ଡର ୭ଟି ରେଞ୍ଜରେ ୧୦୨ଟି ବିଟ୍ ଅଞ୍ଚଳରେ ୧୦୨ଟି ଟିମ୍



ନିୟୋଜିତ ହୋଇଥିଲା। ବାଘଙ୍କ ଗତିବିଧି ଜାଣିବା ପାଇଁ ମୁଖ୍ୟତଃ ଅଟେଇ, କଳାପାଟ, ଚମ୍ପକପୁର ଓ ଜଙ୍ଘିରା ଅଞ୍ଚଳରେ ୯୮ଟି ଟ୍ରାପ୍ କ୍ୟାମେରା ଖଞ୍ଜା ଯାଇଥିଲା। ଗଣନାରେ ଜିଲ୍ଲାର ସମସ୍ତ ସ୍କ୍ୱାର୍ଡ, ଗାର୍ଡ ଓ ଫରେଷ୍ଟର୍ ସାମିଲ୍ ହୋଇଥିଲେ। କେମିତି ବାଘ ପାଦ ଚିହ୍ନକୁ ଚିହ୍ନଟ କରାଯାଇପାରିବ, ତାହା ଉପରେ ଡେମୋ ଦେଖାଇଥିଲେ ଡିଏଫଓ।

## ଜେଲରୁ ସରକାର ଚଳାଇବେ ଅରବିନ୍ଦ କେଜ୍ରିୱାଲ !

ନୂଆଦିଲ୍ଲୀ,୨୯।୧୨(ପି.ଏନ): ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଫସି ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ?ଆଗାମୀ ଦିନରେ ଗିରଫ ହୋଇପାରନ୍ତି ବୋଲି ଆଶଙ୍କା କରିଛି ତାଙ୍କ ଦଳ ଆପ। ଯଦି ଆଗାମୀ ଦିନରେ କେଜ୍ରିୱାଲ ଗିରଫ ହୁଅନ୍ତି, ତା'ହେଲେ ସେ ଜେଲରେ ରହି ସରକାର ଚଳାଇବେ ବୋଲି ଆଜି ଆପ୍ ପକ୍ଷରୁ କୁହାଯାଇଛି ।ଅବକାରୀ ନୀତି ଘଟଣାରେ ଇଡି ମନି ଲଣ୍ଡରିଂ ମାମଲା ରୁଜୁ କରିଛି। ଏହି ଘଟଣାରେ ଇଡି ପକ୍ଷରୁ କେଜ୍ରିୱାଲଙ୍କୁ ସମନ ମଧ୍ୟ



କରାଯାଇଥିଲା। ହେଲେ ସେ ହାଜର ହୋଇନାହାନ୍ତି। ପୂର୍ବରୁ ଅନେକ ଆପ ନେତାଙ୍କୁ ଇଡି ଏହି ତଥାକଥିତ ଦୁର୍ନୀତି ଘଟଣାରେ ଗିରଫ କରିଥିବାରୁ କେଜ୍ରିୱାଲଙ୍କୁ ମଧ୍ୟ ଜେଲ ଯିବାକୁ ପଡିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର କେଜ୍ରିୱାଲଙ୍କୁ ଜେଲରେ ଭର୍ତ୍ତି କରିବାକୁ ଏପରି ଷଡଯନ୍ତ୍ର କରିଥିବା ଆପ ଅଭିଯୋଗ କରିଛି।

## ଦାଦାବଟି ଆଦାୟ କରିବା ଅଭିଯୋଗରେ ଖଣ୍ଡା ସହ ବାପ,ପୁଅ ଗିରଫ

ପୁରୀ,୨୯।୧୨ (ପି.ଏନ):ସମୁଦ୍ରକୂଳ ଥାନା ଅଧୀନ ପେଣ୍ଠକଟା ଅଚଂଳରେ ଦାଦାବଟି ଆଦାୟ କରିବା ଅଭିଯୋଗରେ ପୁଲିସ ବାପ,ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ୨ଜଣ ହେଲେ ସମୁଦ୍ରକୂଳ ଥାନା ଅଧୀନ ଧୋବାଖାଲର ବୈକୁଣ୍ଠ ନାୟକ(୬୫) ଏବଂ ପୂର୍ଣ୍ଣଚନ୍ଦ୍ର ନାୟକ(୪୫) ବୋଲି ସୂଚନା ମିଳିଛି। ସୂଚନା ମୁତାବକ,ସମୁଦ୍ରକୂଳ ଥାନା ଏସଆଇ କୌଶଲ୍ୟା ବେହେରା ସୋମବାର ସକାଳେ ଥାନା ଅଚଂଳରେ ପାଟ୍ରୋଲିଂ କରୁଥିବା ବେଳେ,ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ ଅଭିଯୁକ୍ତ ବାପ,ପୁଅ ସ୍ଥାନୀୟ ଲୋକଙ୍କୁ ଖଣ୍ଡା ଦେଖାଇ ଭୟଭିତ କରି ଦାଦାବଟି ଆଦାୟ କରୁଛନ୍ତି। ସୂଚନା ଆଧାରରେ ପାଟ୍ରୋଲିଂ ପୁଲିସ ତୁରନ୍ତ ଉକ୍ତ



ଅଚଂଳରେ ଚଢାଉ କରି ଅଭିଯୁକ୍ତ ୨ଜଣଙ୍କୁ ମାଡି ବସିବାରେ ସକ୍ଷମ ହୋଇଥିଲା। ପୁଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ଖଣ୍ଡା ଜବତ କରିଛି। ଏସଆଇ କୌଶଲ୍ୟା ବେହେରାଙ୍କ ଅଭିଯୋଗକ୍ରମେ ପୁଲିସ ଅଭିଯୁକ୍ତ ୨ଜଣଙ୍କୁ ଗିରଫ କରି ତାଙ୍କ ବିରୋଧରେ କେଶ ନଂ ୨୮୭/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ୨ଜଣଙ୍କୁ କୋର୍ଟ ଚାଲାଣ କରିଛି।

## ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ୨୦୨୩ ଅଷ୍ଟ୍ରେଲିଆ ଓ ଭାରତ ପାଇଁ ଏକ ଐତିହାସିକ ବର୍ଷ: ଧର୍ମେନ୍ଦ୍ର ପ୍ରଧାନ

ଗାନ୍ଧୀନଗର,୨୯।୧୨(ପି.ଏନ): ଆଇଆଇଟି ଗାନ୍ଧୀନଗରରେ ଅନୁଷ୍ଠିତ ପ୍ରଥମ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ କୌଶଳ ପରିଷଦ ବୈଠକ(ଏଆଇଇଏସସି) ବୈଠକରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଚିହ୍ନଟ କରାଯାଇଥିବା ପ୍ରାଥମିକତା କ୍ଷେତ୍ରରେ 'ଅଧିକ ସହଯୋଗ, ଅଧିକ ଭାଗିଦାରୀ ଏବଂ ଅଧିକ ମୋବିଲିଟି ପାଇଁ ମାର୍ଗ ପ୍ରଶସ୍ତ ହୋଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଏଆଇଇଏସସି ବୈଠକରେ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀଙ୍କ ସହ ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ବ୍ୟାପକ ସମୀକ୍ଷା କରିଥିଲେ କେନ୍ଦ୍ରମନ୍ତ୍ରୀ । ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶେଷ ଭାବରେ




ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ୨୦୨୩ ଅଷ୍ଟ୍ରେଲିଆ ଏବଂ ଭାରତ ପାଇଁ ଏକ ଐତିହାସିକ ବର୍ଷ ।ପ୍ରଥମ ଥର ପାଇଁ ଶିକ୍ଷା ଓ ଦକ୍ଷତାକୁ ସମାନ ଆନୁଷ୍ଠାନିକ ମଞ୍ଚ ଅଧୀନରେ ଅଣାଯାଇଛି । ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ପାରସ୍ପରିକ ସ୍ୱାର୍ଥର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ, ଭାଗିଦାରୀ ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଦିଗରେ ବୈଠକ ଫଳପ୍ରଦ ହୋଇଛି । ଆମର ଦ୍ୱିପାକ୍ଷିକ ସମ୍ପର୍କର ଏକ ପ୍ରାଥମିକ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବରେ ଶିକ୍ଷା ଏବଂ କୌଶଳ ଜ୍ଞାନ ସେତୁକୁ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିଜଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ।ଶ୍ରୀ ପ୍ରଧାନ କହିଛନ୍ତି ଯେ କୃଷି, ଜଳ ପରିଚାଳନା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସ୍ୱାସ୍ଥ୍ୟସେବା, ଏଆଇ, ଅକ୍ଷୟ ଉର୍ଜା ଏବଂ ଜଳବାୟୁ ପରିବର୍ତ୍ତନ ଭଳି କ୍ଷେତ୍ରରେ ଅଧିକ ଗବେଷଣାଭିତ୍ତିକ ସହଯୋଗକୁ ସୁଗମ କରିବା ପାଇଁ ଅଷ୍ଟ୍ରେଲିଆ ଏବଂ ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଜି ୫ଟି ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଛି । ଏହି ଏମଓୟୁ ଦ୍ୱାରା ଅତ୍ୟାଧୁନିକ ଶିକ୍ଷା, ଗବେଷଣା ଓ ଉନୋଭେସନ, ଛାତ୍ରଛାତ୍ରୀ ଓ ଅଧ୍ୟାପକ ବିନିମୟ ସହ ଅଧିକ ଡୁଆଲ୍ ଡିଗ୍ରୀ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ । ଦଶନ୍ଧିର ଫଳାଫଳ ଭିତ୍ତିକ ରୋଡମ୍ୟାପ୍ ଉପରେ ଗୁରୁତ୍ୱାରୋପ କରି ଏଆଇଇଏସସି ଉଭୟ ଅଷ୍ଟ୍ରେଲିଆ ଏବଂ ଭାରତର ଉଜ୍ଜ୍ୱଳ ଭବିଷ୍ୟତର ପରିକଳ୍ପନା କରିବାର ଚାବିକାଠି ହେବ । ଶିକ୍ଷାକୁ ଏକ ମୁଖ୍ୟ ପ୍ରସଙ୍ଗ ଭାବରେ ଗ୍ରହଣ କରି ଅଷ୍ଟ୍ରେଲିଆ ଏବଂ ଭାରତ ପରସ୍ପରର ଅର୍ଥନୀତିକୁ ପରିପୂରକ କରିବା ସହ ବିଶ୍ୱସ୍ତରୀୟ ଆବଶ୍ୟକତା ମଧ୍ୟ ପୂରଣ କରିବେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ।ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ କୌଶଳ ପରିଷଦ ବୈଠକରେ ସୁଦୃଢ଼ ଜ୍ଞାନ ସେତୁ ନିର୍ମାଣ, ଶିକ୍ଷା ଓ ଦକ୍ଷତା ବିକାଶରେ ଦୁଇ ଦେଶର ପ୍ରାଥମିକତାକୁ ଆଗକୁ ନେବା, ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ଏବଂ ଜ୍ଞାନ କ୍ଷେତ୍ରକୁ ଭାରତ ଅଷ୍ଟ୍ରେଲିଆ ବନ୍ଧୁତାର ଅନ୍ୟତମ ଶକ୍ତିଶାଳୀ ସ୍ତମ୍ଭ ଭାବରେ ପ୍ରତିଷ୍ଠା କରିବା ଦିଗରେ ଏକ ଉତ୍ପେରକ ଭାବରେ କାର୍ଯ୍ୟ କରିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ।ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଆଇଆଇଟି ଗାନ୍ଧିନଗରରେ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କୁ ସ୍ୱାଗତ କରିବା ଅବସରରେ କହିଥିଲେ ଆମର କ୍ରମାଗତ ବୈଠକ ଭାରତ-ଅଷ୍ଟ୍ରେଲିଆ ଶିକ୍ଷା ଭାଗିଦାରୀର ବଢୁଥିବା ଶକ୍ତି ଏବଂ ଗତିଶୀଳତାର ପ୍ରମାଣ । ଅଷ୍ଟ୍ରେଲିଆର ଅନ୍ୟ ମନ୍ତ୍ରୀମାନଙ୍କ ସହିତ ବୈଠକ ସମୟରେ ଜଏଣ୍ଟ ୱାର୍କିଂ ଗ୍ରୁପ ପ୍ରତିଷ୍ଠା, ଦକ୍ଷତା ସହଯୋଗ, ଯୁଗ୍ମ ଡିଗ୍ରୀ ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗ, ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି, ଇସିସିଇରେ ସହଯୋଗ, ଭାରତରେ ଅଧ୍ୟୟନ, ଭାରତର ଶିକ୍ଷାର ଅନ୍ତର୍ଜାତୀୟକରଣ ସମେତ ଭାରତୀୟ ଛାତ୍ରଛାତ୍ରୀ ଓ ରିସର୍ଚ୍ଚ ସ୍କଲାର୍ସଙ୍କ ପାଇଁ ଭିସା ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା ହୋଇଛି । ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀଙ୍କ ସହ ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ବ୍ୟାପକ ସମୀକ୍ଷା ହୋଇଛି । ଉଭୟ ଦେଶର ଶିକ୍ଷା ଏବଂ ଦକ୍ଷତା ଭାଗିଦାରୀକୁ ଆହୁରି ସୁଦୃଢ଼ କରିବାକୁ ଉଭୟ ମନ୍ତ୍ରୀ ସମ୍ମତି ପ୍ରକାଶ କରିଛନ୍ତି ।

## ରାଜଧାନୀରେ ଯେତେ ସଚେତନ କଲେ ବି ଟ୍ରାଫିକ ନିୟମ ମାନୁ ନାହାନ୍ତି ଅମାନିଆ

ଭୁବନେଶ୍ୱର,୨୯।୧୨(ପି.ଏନ): ରାଜଧାନୀରେ ମାତିଛନ୍ତି ଅମାନିଆ । ଯେତେ ସଚେତନ କଲେ ବି ମାନୁ ନାହାନ୍ତି ଟ୍ରାଫିକ ନିୟମ । ଗୋଟିଏ ମିନିଟ୍ ଠିଆ ହେବାକୁ କାହା ପାଖରେ ନାହିଁ ସମୟ । ରେଡ ସିଗ୍ନାଲକୁ ନ ମାନି ମାଡି ଯାଉଛନ୍ତି ଲୋକେ । ଟ୍ରାଫିକ୍ ଅଟକାଇଲେ ୟୁ ଟର୍ଣ୍ଣ ଦେଇ ଛୁ ମାରୁଛନ୍ତି । ଏପରିକି ବାମପଟ ରାସ୍ତାକୁ ଖାଲି ନ ରଖି ପୁରା ଜାମ୍ କରିଦେଉଛନ୍ତି । ଫଳରେ ଆମ୍ବୁଲାନ୍ସ ବି ଅନେକ ସମୟରେ ଅଟକି ରହୁଛି । ଆଇନ୍ ଉଲଙ୍ଘନକାରୀଙ୍କୁ ଫାଇନ୍ କରାଯାଉଛି । କିନ୍ତୁ କେହି ସୁଧୁରୁ ନାହାନ୍ତି । ଫଳରେ ଦୁର୍ଘଟଣାରେ ଯାଉଛି ଜୀବନ । ଆସନ୍ତୁ ଦେଖିବା ଭୁବନେଶ୍ୱରରେ କେମିତି ଚାଲିଛି ଅମାନିଆଙ୍କ ରାଜ୍ । ଲଦି ଜଲଦିରେ ଯାଉଛି ଜୀବନ । ଟ୍ରାଫିକ୍ ନିୟମ ମାନୁ ନାହାନ୍ତି ଅମାନିଆ । ଜିରୋ ଟଲରେନ୍ସ ଜୋନ୍‌ରେ ବି ବିପର୍ଯ୍ୟନ୍ତ ଟ୍ରାଫିକ୍ ବ୍ୟବସ୍ଥା । ସାରା ରାଜ୍ୟରେ ଟ୍ରାଫିକ୍ ନିୟମ ଯେତିକି ପାଳନ ହେଉଛି ସେଥିମଧ୍ୟରେ ରାଜଧାନୀ ଭୁବନେଶ୍ୱରରେ ସବୁଠୁ କଡା କଡି ପାଳନ ହେଉଛି ବୋଲି କମିଶନରେଟ୍ ପୋଲିସ ଏବଂ ପରିବହନ ବିଭାଗ କହୁଛି । ମାସିକ କୋଟିଏ ଫାଇନ୍ ଆଦାୟ ବି ହେଉଛି । କିନ୍ତୁ ଫାଇନ୍ ଦେବା ବି ଏକ ଅଭ୍ୟାସ ହୋଇଗଲାଣି । ବିଶେଷଜ୍ଞଙ୍କ କହିବା କଥା, ସମସ୍ତେ ସଚେତନ ହେବା ସହ ମାନସିକତାରେ ପରିବର୍ତ୍ତନ ନ ଆଣିଲେ ଦୁର୍ଘଟଣା କମିବନି । ଗଳି କନ୍ଦିରେ ବି ସିସିଟିଭି ଲଗିଛି । ଲାଇସେନ୍ସ ବାତିଲ ସହ ଗାଡି ସିଜ୍ କରାଯାଉଛି । ତଥାପି ଲୋକମାନେ ଏତେ ବ୍ୟସ୍ତ ହୋଇଗଲେଣି ଯେ ଜୀବନ ଯାଉ ପଛେ ଟ୍ରାଫିକରେ ଅଟକିବେ ନାହିଁ ବୋଲି ଭାବିନେଇଛନ୍ତି ଅମାନିଆ । ଯାହା ଫଳରେ ଯାଉଛି ଅନେକ ଜୀବନ ।






## ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ଫାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା, ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

## ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଊଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।






# କୋଣାର୍କ ଉତ୍ସବର ଏକ ଆଲୋକପାତ



ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରାପ୍ତ ଅର୍କକ୍ଷେତ୍ର କୋଣାର୍କର ସୂର୍ଯ୍ୟମନ୍ଦିର ଉତ୍କଳୀୟ କଳା, ସ୍ଥାପତ୍ୟ ଓ ସଂସ୍କୃତିର ଚରମ ନିଦର୍ଶନ। ଏହି ସୂର୍ଯ୍ୟ ମନ୍ଦିରର ପ୍ରତିଟି ଶିଳାଖଣ୍ଡ ସୂକ୍ଷ୍ମ କଳାଭାସ୍କର୍ଯ୍ୟରେ ଲାଗନ୍ତି ଜୀବନ୍ତ। ମନ୍ଦିର ଗାତ୍ରରେ ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟରୁ ଉତ୍କଳୀୟ ଧର୍ମ, ଶିକ୍ଷା, ସଂସ୍କୃତି ଓ ସାମାଜିକ ଜୀବନର ଚିତ୍ର ସ୍ପଷ୍ଟ ପ୍ରମାଣିତ। ମନ୍ଦିରରେ ସ୍ଥାପିତ ପାଷାଣୀ ନୃତ୍ୟାଙ୍ଗନା ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତର ଜୀବନ୍ତ ରୂପାୟନ; ଏହାକୁ ଦେଖି ପର୍ଯ୍ୟଟକ ମନ ହୁଏ ଆହ୍ଲାଦିତ, ପର୍ଯ୍ୟଟକଙ୍କୁ ମିଳିଥାଏ ଭରପୁର ଆନନ୍ଦ। କୋଣାର୍କର ସୂର୍ଯ୍ୟମନ୍ଦିରର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବର୍ଷତମାମ ବିଶ୍ୱର କୋଣ ଅନୁକୋଣରୁ ହଜାର ହଜାର କଳା ପିପାସୁ ପର୍ଯ୍ୟଟକମାନଙ୍କ ସୁଅ ଛୁଟିଥାଏ। ବିଶ୍ୱ ଦରବାରରେ ଭାରତର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟକୁ ପରିଚିତ କରାଇବା ସହିତ ପର୍ଯ୍ୟଟନ ଶିଳ୍ପକୁ ଅଧିକରୁ ଅଧିକ ସମୃଦ୍ଧିଶାଳୀ କରିବାର ମହତ ଉଦ୍ଦେଶ୍ୟ ନେଇ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଗତ ୧୯୮୯ ମସିହାରେ ଆରମ୍ଭ ହୋଇଥିଲା କୋଣାର୍କ ନୃତ୍ୟ ଉତ୍ସବ। ୧୯୮୫ ମସିହାରେ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ କୋଣାର୍କ ନାଟ୍ୟମଣ୍ଡପରେ ପ୍ରଥମ କୋଣାର୍କ ନୃତ୍ୟ ଓ ସଂଗୀତ ଉତ୍ସବର ଶୁଭ ଉଦ୍‌ଘାଟନ ଅବସରରେ ଓଡ଼ିଶାର ତତ୍କାଳୀନ



ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶରତ ରାଉତ ସରକାରୀ ସ୍ତରରେ ଏପରି ଏକ ଉତ୍ସବର ଆୟୋଜନ କରାଯିବ ବୋଲି ମଞ୍ଚଉପରୁ ଘୋଷଣା କରିଥିଲେ। ଏଥିନିମନ୍ତେ ପ୍ରସ୍ତାବିତ ମୁକ୍ତାକାଶ ରଙ୍ଗମଞ୍ଚ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ସଂପାଦିତ ହୋଇଥିଲା। ଏହାପରେ ସ୍ୱର୍ଗତଃ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ଏହି ରଙ୍ଗମଞ୍ଚର କଳେବର ଓ ଦର୍ଶକ ଗ୍ୟାଲେରୀକୁ ପରିବର୍ଦ୍ଧିତ କରାଯାଇ ୨୫ ଶହ ଦର୍ଶକଙ୍କ ବସିବାର ବ୍ୟବସ୍ଥା ହୋଇଥିଲା। ଏହି ଉତ୍ସବକୁ ପ୍ରାଧାନ୍ୟ ଦେଇ ୧୯୯୩ ମସିହାରେ ବିଜୁବାବୁ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଉତ୍ସବର ପ୍ରସ୍ତୁତି ପରେ ବାଲିଦ୍ୱୀପର ରାଜା ସୁକର୍ଣ୍ଣ ଓ ତାଙ୍କ କନ୍ୟାଙ୍କୁ ଏହି ଉତ୍ସବକୁ ଅତିଥିରୂପେ ଆମନ୍ତ୍ରଣ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତିବର୍ଷ ଡ଼ିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ବ୍ୟତିରକେ ପରବର୍ତ୍ତୀ ଅବସ୍ଥାରେ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନୀ ଓ ଚିତ୍ରକଳା ଶିବିରକୁ ସାମିଲ କରାଯାଇଥିବାରୁ କୋଣାର୍କ ନୃତ୍ୟ ଉତ୍ସବର ନାମକୁ ପରିପୁଷ୍ଟ କରିଥିବା କାରଣରୁ ଏହି ଉତ୍ସବର ନାମ ପରିବର୍ତ୍ତନ କରାଯାଇ କୋଣାର୍କ ଉତ୍ସବ ରଖାଗଲା। ଏହି ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ୨୦୧୧ ମସିହାରୁ ଏଯାବତ୍ ଦେଶ ବିଦେଶର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀଙ୍କୁ ନେଇ ଆୟୋଜିତ ହୋଇଆସୁଛି



ବାଲୁକାକଳା ପ୍ରଦର୍ଶନୀ। ଏହି ଉତ୍ସବରେ ସାହିତ୍ୟ ଆସର ସାଙ୍ଗକୁ କବିତା ପାଠ ଉତ୍ସବ, ସାଇକଲଥୋନ, ଗଣଦୌଡ, ବେଳାଭୂମି ପଦଯାତ୍ରା, ପୁସ୍ତକ ମେଳା ଓ ଚିତ୍ରକଳା ଶିବିରକୁ ସାମିଲ କରାଯାଇଥିବାରୁ କୋଣାର୍କ ଉତ୍ସବ ଅଧିକ ସମୃଦ୍ଧ ହେଉଛି। ୧୯୯୯ ମସିହା ଅକ୍ଟୋବର ମାସରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ପ୍ରଳୟଙ୍କରୀ ମହାବାତ୍ୟା ସଂଘଟିତ ହେବା ଯୋଗୁଁ କୋଣାର୍କ ଉତ୍ସବ ଅନୁଷ୍ଠିତ ହୋଇପାରି ନଥିଲା। ସେହିପରି ଗତ ୨୦୨୧ ମସିହାରେ କୋଣାର୍କ ଉତ୍ସବ ଓ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ୧ ଓ ୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ ଜେୱାଦ ପାଇଁ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାତିଲ କରାଯାଇଥିଲା। ବିଗତ ୩୨ ବର୍ଷ ଧରି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଓ ବିଗତ ୧୧ବର୍ଷ ଧରି ବାଲୁକା କଳା ପ୍ରଦର୍ଶନୀ କୋଣାର୍କ ଉତ୍ସବର ଅନ୍ତର୍ଜାତୀୟ ସ୍ତରରେ ଆମ ରାଜ୍ୟ ତଥା ଦେଶର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଚଳିତ ବର୍ଷ ଡ଼ିସେମ୍ବର ୧ରୁ ୫ ତାରିଖ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୩୩ତମ କୋଣାର୍କ ଉତ୍ସବ ଅତୀବ ଆକର୍ଷଣୀୟ ହେବ। ରଙ୍ଗମଞ୍ଚ ଓ ଏହାର ପରିପାର୍ଶ୍ୱକୁ ରଙ୍ଗବେରଙ୍ଗର ଆଲୋକମାଳା, ଫୁଲ, ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀ ଓ ଚିତ୍ରପଟରେ ସଜାଯାଇଛି। ରଙ୍ଗମଞ୍ଚର ଦୁଇଟି ପ୍ରବେଶ ଦ୍ୱାର ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ସୁନ୍ଦର ତୋରଣମାନ ନିର୍ମାଣ କରାଯାଇଛି। ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ସମୟରେ ମଞ୍ଚର ଆଲୋକ ଓ ଧ୍ୱନି ବ୍ୟବସ୍ଥା ଉନ୍ନତମାନର ହୋଇଛି। ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ ଜଗତର ଖ୍ୟାତନାମା ଗୁରୁ ଓ ତାଙ୍କ ସହଯୋଗୀ ନୃତ୍ୟଶିଳ୍ପୀମାନେ ପାଞ୍ଚଦିନ ବ୍ୟାପୀ ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମରେ ଓଡ଼ିଶୀ, କଥକ, ମଣିପୁରୀ, ମୋହିନିଆଟମ, ଭାରତନାଟ୍ୟମ ଓ କୁଚିପୁଡି ନୃତ୍ୟ ପରିବେଷଣ କରିବେ। ଡିସେମ୍ବର ୧ ତାରିଖ ସନ୍ଧ୍ୟା ୬ଟା ରେ ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତର ଏକ ଆକର୍ଷଣୀୟ ତଥା ଭବ୍ୟ ପରିବେଶରେ କୋଣାର୍କ ଉତ୍ସବ-୨୦୨୨ର ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହେବ। ଉତ୍ସବର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ମାଲେସିଆର କୁଲାଲିୟାମପୁର ଦତୁକା ରାମଳି ଇବ୍ରାହିମ୍ ଓ ସାଥୀଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡ଼ିଶୀ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦିଲ୍ଲୀର ନୃତ୍ୟଶିଳ୍ପୀ ଗୁରୁ କୁନ୍ଦନଲାଲା ଗାଙ୍ଗାନି ଫାଉଣ୍ଡେସନର ଗୁରୁ ରାନ୍ଦ୍ରେ ଗାଙ୍ଗାନ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ କଥକ ନୃତ୍ୟ। ସେହିପରି ଉତ୍ସବର ଦ୍ୱିତୟ ଦିବସର ପ୍ରଥମ ପର୍ଯ୍ୟାୟରେ ମଣିପୁର ଜବାହାରଲାଲ ନେହେରୁ ମଣିପୁର ଡ୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ମଣିପୁରୀ





ନୃତ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ କଟକର ଗୁଞ୍ଜନ ଡ଼୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀ ଗୁରୁ ମିରା ଦାସ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ଓଡିଶୀ ନୃତ୍ୟ। ସେହିପରି ଉତ୍ସବର ତୃତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ କୋଲକତାର କୋଲକତା ମୟୁର ଲଳିତ ଡ଼୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀ ଗୁରୁ ଦେବସ୍ମିତା ସେନଗୁପ୍ତା ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ଦଶାୟାମ ସେଣ୍ଟର ଫର ମୋହିନୀଆଟମ୍ ପକ୍ଷରୁ କାଳିମାମଣି ନୃତ୍ୟାଙ୍ଗନା ଗୋପିକା ବର୍ମା ଓ ସାଥୀଙ୍କ ପକ୍ଷରୁ ପରିବେଷଣ କରାଯିବ ମୋହିନୀଆଟମ୍ ନୃତ୍ୟ। ସେହିପରି ଉତ୍ସବର ଚତୁର୍ଥ ଦିବସର ପ୍ରଥମ ପର୍ଯ୍ୟାୟରେ ଚେନ୍ନାଙ୍ଗନା ସ୍ୱାଣ୍ଡା ଡ଼୍ୟାନ୍ସ କମ୍ପାନୀ ପକ୍ଷରୁ ନୃତ୍ୟଶିଳ୍ପୀ ଲିଲା ସାମସନ ଓ ସାଥୀଙ୍କ ଦ୍ୱାରା ପରିବେଷଣ କରାଯିବ ଭାରତନାଟ୍ୟମ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ସୁରଭି ଅନୁଷ୍ଠାନର ଗୁରୁ ପିତାମ୍ବର ବିଶ୍ୱାଳ ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ। ଉତ୍ସବର ଶେଷ ସନ୍ଧ୍ୟା ଅର୍ଥାତ୍ ଡିସେମ୍ବର ୫ ତାରିଖର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ପ୍ରଭାତ କୁମାର ସ୍ୱାଇଁ ଓ ସାଥୀ ନୃତ୍ୟ ଶିଳ୍ପୀଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡିଶୀ ନୃତ୍ୟ। ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ଶିବମୋହନମ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଜୟକିଶ୍ୱେର ମୋଶାଲିକାନ୍ତି ଓ ସାଥୀ ନୃତ୍ୟଶିଳ୍ପୀମାନେ କୁଚିପୁଡି ନୃତ୍ୟ ପରିବେଷଣ କରିବେ। କୋଣାର୍କ ଉତ୍ସବ-୨୦୨୨ ସମୟରେ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ଆୟୋଜିତ ହେବାକୁ ଯାଉଅଛି ୧୨ତମ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୨। ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ-୨୦୨୨ ଏଠାରେ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀମାନେ ଯୋଗଦେଇ କଳା ପ୍ରଦର୍ଶନ କରିବେ। କୋଣାର୍କ ଉତ୍ସବ-୨୦୨୨ ଅବସରରେ ନଭେମ୍ବର ୩୦ତାରିଖରେ




କୋଣାର୍କ ପ୍ରେସ କ୍ଲବ ପକ୍ଷରୁ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ରାମଚଣ୍ଡୀ ପର୍ଯ୍ୟନ୍ତ ସାଇକଲଥୋନ, ଡିସେମ୍ବର ୧ ତାରିଖ ସକାଳେ ବସନ୍ତ ମଞ୍ଜରୀ ପାଠାଗାର ପକ୍ଷରୁ ଗଣଦୌଡ଼ ଏବଂ ୨ ତାରିଖରେ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ବେଳାଭୂମି ପଦଯାତ୍ରା, ୨ ତାରିଖରେ ରାଜୀବ ଗାନ୍ଧୀ ସୋଶିଆଲ ୱେଲଫେୟାର ଅର୍ଗାନାଇଜେସନ ପକ୍ଷରୁ ଚିତ୍ରକଳା ଶିବିର, କୋଣାର୍କ ମିଡିଆ ଫୋରମ ପକ୍ଷରୁ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଏବଂ କୋଣାର୍କ ପୁସ୍ତକ ମେଳା କମିଟି ପକ୍ଷରୁ ପୁସ୍ତକ ମେଳା ଅନୁଷ୍ଠିତ ହେବ। କୋଣାର୍କ ଉତ୍ସବ ସମୟରେ ଆଉ ଏକ ମୁଖ୍ୟ ଆକର୍ଷଣ ସାଜିଥାଏ ଯାତ୍ରା ଦଳ। ସ୍ଥାନୀୟ ଯାତ୍ରା କମିଟିମାନଙ୍କ ପକ୍ଷରୁ ଏକାଧିକ ଯାତ୍ରାଦଳ ଯାତ୍ରା ପରିବେଷଣ କରିଥା'ନ୍ତି। ରାଜ୍ୟର ବିଭିନ୍ନ କୋଣ ଅନୁକୋଣ ସମେତ ସ୍ଥାନୀୟ ଅଞ୍ଚଳର ଯାତ୍ରାପ୍ରେମୀ ଦର୍ଶକମାନେ ଆସି କୋଣାର୍କ ଉତ୍ସବ ଦେଖିବା ସହ ଯାତ୍ରାକୁ ରାତିତମାମ ମନଭରି ଉପଭୋଗ କରିଥା'ନ୍ତି। ଏନଏସି ପକ୍ଷରୁ ମିନାବଜାର, ରାମଦୋଳି, ସର୍କସ ଓ ଯାତ୍ରା ପରିବେଷଣ ପାଇଁ ହେଲିପ୍ୟାଡକୁ ପ୍ରସ୍ତୁତ କରାଯାଇ ବ୍ୟବସାୟୀମାନଙ୍କୁ ଯୋଗାଇ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଠାରେ ସମସ୍ତ ପ୍ରକାର ଖାଦ୍ୟ, ବସ୍ତ୍ର ଓ ଘରକରଣା ସାମଗ୍ରୀ ଉପଲବ୍ଧ ଥିବାରୁ ପାଞ୍ଚଦିନ ଧରି ଏହି ଅଞ୍ଚଳରେ ପ୍ରବଳ ଭିଡ ହୋଇଥିବା ବେଳେ କୋଣାର୍କ-ଚନ୍ଦ୍ରଭାଗା ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥାଏ। କୋଣାର୍କ ଉତ୍ସବ ଅବସରରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ ଆୟୋଜିତ ହୋଇଥାଏ।



ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାଥମିକ ବୁଣାକାର ସମବାୟ ସମିତି ଏବଂ ବୟନୀକା ଓ ବରଗଡ଼ର ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ଖଣ୍ଡୁଆ ପାଟ ଶାଢ଼ୀ, ବମକେଇ ଶାଢ଼ୀ, ବ୍ରହ୍ମପୁର ଶାଢ଼ୀ, ବଡ଼ବାଗର ଶାଢ଼ୀ ଫାଇନ କଟନ ଶାଢ଼ୀ ଏବଂ ଖୋର୍ଦ୍ଧାର ଲୁଙ୍ଗି ଓ ଗାମୁଛା ସମେତ ପ୍ରସ୍ତର ଖୋଦେଇ, ପଟ୍ଟଚିତ୍ର ଓ ପିପିଲିର ଚାନ୍ଦୁଆ କାମ ପର୍ଯ୍ୟଟକମାନଙ୍କୁ ବେଶ ଆକର୍ଷିତ କରିଥାଏ। ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ଅନୁରୋଧରେ କୋଣାର୍କ ଉତ୍ସବର ଦୀର୍ଘ ୨୬ ବର୍ଷ ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୫ରେ କୋଣାର୍କ ଉତ୍ସବରେ ସାହିତ୍ୟକୁ ସାମିଲ କରାଯାଇଛି।



କୋଣାର୍କ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍ସବର ଗୋଟିଏ ଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ଅନୁଷ୍ଠିତ ହୋଇଥାଏ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ କବି ଓ କବୟିତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥାନ୍ତି। ଉତ୍ସବର ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଓ ଆଡ଼ମ୍ବରପୂର୍ଣ୍ଣ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ସଚିବ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଓଡିଶା ସଂଗୀତ ନାଟକ ଏକାଡେମି, ପର୍ଯ୍ୟଟନ ଅଧିକାରୀଙ୍କ ସମେତ ଦୁଇ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଆନ୍ତରିକ ପ୍ରଚେଷ୍ଟା ପ୍ରଶଂସନୀୟ। ପଞ୍ଚଦିବସୀୟ ଏହି ଉତ୍ସବ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ।

**ଅଜିତ କୁମାର ମଲ୍ଲିକ**, ସାମ୍ବାଦିକ, କୋଣାର୍କ, ୭୯୭୮୦୧୧୫୩୮

# 'ସୁଅ ମୁହଁରେ ପତର'ର ସ୍ରଷ୍ଟା: ପ୍ରାଣବନ୍ଧୁ କର





ଆଧୁନିକ କାଳର ବିଶିଷ୍ଟ ଓଡ଼ିଆ ସାହିତ୍ୟିକଙ୍କ ମଧ୍ୟରେ ପ୍ରାଣବନ୍ଧୁ କର ଅନ୍ୟତମ। ସେ ଥିଲେ ଏକଧାରରେ କବି, ଗାଳ୍ପିକ ଓ ନାଟ୍ୟକାର। ଆଦ୍ୟ କୈଶୋରରେ ବିଦ୍ୟାଳୟରେ ପଢୁଥିବା ବେଳେ ତାଙ୍କ କବି ପ୍ରତିଭା ସହ ଶିକ୍ଷକମାନେ ପରିଚିତ ହୋଇଥିଲେ ଏବଂ ଅଧିକରୁ ଅଧିକ ଲେଖିବା ପାଇଁ ତାଙ୍କୁ ଉତ୍ସାହିତ କରିଥିଲେ। ପ୍ରାଣବନ୍ଧୁ ସ୍ନାତକ ଉତ୍ତୀର୍ଣ୍ଣ ହେବାପରେ ସଚିବାଳୟର କିରାଣି ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ହେଲେ ସେଥିରେ ମନ ଲାଗି ନଥିଲା। ତାଙ୍କ ପିତା ଚିନ୍ତାମଣି କର ଥିଲେ ଶିକ୍ଷକ। ପରବର୍ତ୍ତୀ କାଳରେ ପିତାଙ୍କ ଭଳି ସେ ମଧ୍ୟ ଶିକ୍ଷକତାକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ। ବିଭିନ୍ନ ସରକାରୀ ସ୍କୁଲରେ ସେ ଶିକ୍ଷକତା କରିବା ସହ ଘରୋଇ ଭାବେ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର କରି ଶିକ୍ଷକରୁ ପାଲଟିଥିଲେ ଅଧ୍ୟାପକ। ଶିକ୍ଷା ବିଭାଗରେ ବିଭିନ୍ନ ପଦପଦବୀରେ ସେ କିଛି କିଛି କାଳ ଅବସ୍ଥାପିତ ହୋଇଥିବା ଜଣାଯାଏ। ରେଭେନ୍‌ସା ମହାବିଦ୍ୟାଳୟରେ ତାଙ୍କ ଚାକିରି ଜୀବନ ପରିସମାପ୍ତି ଘଟିଥିଲା ଏବଂ ସେ ଅବସର ନେଇଥିଲେ। ଜୀବନରେ ତାଙ୍କ ଲେଖନୀ ସର୍ବଦା ସକ୍ରିୟ ଥିଲା ଏବଂ ଅବସର ପରେ ମଧ୍ୟ ଅଟକି ନଥିଲା। ସେ ଶତାଧିକ କ୍ଷୁଦ୍ରଗଳ୍ପ, ଏକାଙ୍କିକା, ନାଟକର ସ୍ରଷ୍ଟା। 'ସୁଅ ମୁହଁରେ ପତର', 'ନିଶୀଥର ପ୍ରେତାତ୍ମା', 'ଷଣ୍ଢ ଲଢ଼େଇ', 'ମଶା', 'ରାଣୀ', 'ପଦ୍ମା', 'ସେମାନେ ବି ତ ମଣିଷ', 'ଏ ପୃଥିବୀ ନୁହେଁ' ଆଦି ତାଙ୍କର କେତେକ ଶ୍ରେଷ୍ଠ ଗଳ୍ପ। ପ୍ରାଣବନ୍ଧୁ ନିଜର ନାଟ୍ୟ ପ୍ରତିଭା ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମି, ସଂଗୀତ ନାଟକ ଏକାଡ଼େମୀ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ। ତାଙ୍କର ବହୁ ଗଳ୍ପ ନାଟକ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ପଢ଼ାଯାଉଛି। ତାଙ୍କ ସାହିତ୍ୟକୃତି ସଂପର୍କରେ ଆଉ ଏକ ଉଲ୍ଲେଖନୀୟ କଥା ହେଉଛି, ସେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମାଟିର ମଣିଷ, ଫକୀରମୋହନ ସେନାପତିଙ୍କ ମାମୁଁ, ପ୍ରାୟଶ୍ଚିତ ଓ ଛଅମାଣ ଆଠ ଗୁଣ୍ଠ, ହରେକୃଷ୍ଣ ମହତାବଙ୍କ ଟାଉଟର, ଫତୁରାନନ୍ଦଙ୍କ ନାକଟା ଚିତ୍ରକର ଆଦିକୁ ନାଟ୍ୟ ରୂପ ଦେଇଥିଲେ। ୧୯୧୪ ଡିସେମ୍ବର ଆଜିର ଦିନରେ ବାଙ୍କୀ ଅନ୍ତର୍ଗତ ଡମପଡ଼ାରେ ଜନ୍ମଗ୍ରହଣ କରିଥିଲେ ଏହି ମହାନ ସାହିତ୍ୟିକ।

**-ଡଃ. ଅରୁନ୍ଧତୀ ଦେବୀ**, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଏଡ୍‌ସ: ଏହି ଡର ସଭିଙ୍କୁ



**ବିଶ୍ୱ ଏଡ୍‌ସ ଦିବସର ଇତିହାସ:** ପ୍ରଥମ କରି ୧୯୮୭ ଅଗଷ୍ଟ ମାସରେ ଥୋମାସ୍ ନେଟର ଏବଂ ଜେମ୍ସ ଡବ୍ଲ୍ୟୁ ବୁନ୍ ବିଶ୍ୱ ଏଡ୍‌ସ ଦିବସ ବିଷୟ କଳ୍ପନା କରିଥିଲେ। ଉଭୟ ଜେନେଭା ଓ ସ୍ୱିଜରଲ୍ୟାଣ୍ଡସ୍ଥିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଏଡ୍‌ସ ବିଶ୍ୱ କାର୍ଯ୍ୟକ୍ରମ ପାଇଁ ଲୋକସମ୍ପର୍କ ଅଧିକାରୀ ଅଛନ୍ତି। ସେମାନେ ନିଜର ଧାରଣା ଏଡ୍‌ସ ବିଶ୍ୱ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଡକ୍ଟର ଜୋନାଥନ୍ ମନ୍‌ଙ୍କୁ ଜଣାଇଥିଲେ। ସେ ଏହାକୁ ସ୍ୱୀକୃତି ଦେଇ ବିଶ୍ୱ ଏଡ୍‌ସ ଦିବସ ପାଳନ ପାଇଁ ସୁପାରିଶ କରିଥିଲେ। ୧୯୮୮ ଡିସେମ୍ବର ୧ରୁ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯାଇଆସୁଛି। ସେମାନେ ଭାବିଲେ ଯେ, ଏହାକୁ ଏପରି ସମୟରେ ପାଳନ କରାଯିବା ଉଚିତ ଯେଉଁ ସମୟରେ ବିଶ୍ୱବ୍ୟାପୀ ଗଣମାଧ୍ୟମ ଓ ଜନସାଧାରଣ ଏଥିପ୍ରତି ଆଗ୍ରହ ପ୍ରକାଶ କରିପାରିବେ। ଏଚ୍‌ଆଇଭି/ଏଡ୍ସ ଉପରେ ଜାତିସଂଘ କାର୍ଯ୍ୟକ୍ରମକୁ ୟୁଏନ୍‌ଏଡ୍ସ କୁହାଯାଏ।



୧୯୯୬ରେ ଏହା କାର୍ଯ୍ୟକାରୀ ହେବା ସହିତ ବିଶ୍ୱବ୍ୟାପୀ ପ୍ରସାର ଲାଭ କଲା। ୧୯୯୭ରେ ୟୁଏନ୍‌ଏଡ୍‌ସ ଦ୍ୱାରା ବିଶ୍ୱ ଏଡ଼୍ସ ପ୍ରଚାର ଅଭିଯାନ ଆରମ୍ଭ ହେଲା। ଏଥିପାଇଁ ଏଡ଼୍ସ କାର୍ଯ୍ୟକ୍ରମ, ଉତ୍ତମ ଯୋଗାଯୋଗ ବ୍ୟବସ୍ଥା, ରୋଗ ନିରାକରଣ ଏବଂ ରୋଗ ସଚେତନତା ଉପରେ ବର୍ଷସାରା ପ୍ରଚାର ଅଭିଯାନ ଚାଲିଲା। ପ୍ରଥମ ବର୍ଷ ବିଶ୍ୱ ଏଡ଼୍ସ ଦିବସ ସଚେତନତା କେବଳ ଶିଶୁ ଏବଂ ତରୁଣ ବୟସର ଲୋକଙ୍କ ଉପରେ ପ୍ରାଧାନ୍ୟ ଦେଇ କରାଯାଉଥିଲା। ପରେ ଏହାକୁ ଏକ ପରିବାର ରୋଗ ବୋଲି ବିବେଚନା କରାଗଲା। କାରଣ ଯେକୌଣସି ବୟସର ବ୍ୟକ୍ତି ଏଚ୍‌ଆଇଭି ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ୨୦୦୭ ପରଠାରୁ ବିଶ୍ୱ ଏଡସ ଦିବସକୁ ଏଡ଼୍ସ ରିବନ ସଂକେତ ଦ୍ୱାରା ପ୍ରଦର୍ଶନ କରାଯାଇଆସୁଛି।

ଏଡ଼୍ସ। ଏହି ଡ଼ର ସଭିଙ୍କୁ। ଗର୍ଭସ୍ଥ ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ। ମଙ୍ଗଳରେ କୋବି ଚାଷ କରିବାକୁ ସ୍ୱପ୍ନ ଦେଖୁଥିବା ବୈଜ୍ଞାନିକମାନେ ମଧ୍ୟ ଏଡ଼୍ସ ନିରାକରଣ ପାଇଁ ଏଯାଏଁ ମେଡ଼ିସିନ୍ ଆବିଷ୍କାର କରିବାରେ ସଫଳତା ପାଇପାରିନାହାନ୍ତି। ଗତ ଦୁଇ ଦଶନ୍ଧି ଧରି ଏହା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲେ ମଧ୍ୟ ବ୍ୟାପକ ସଚେତନତା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଠାରୁ ଆରମ୍ଭ କରି ଜାତୀୟ ଏଡ଼୍ସ ନିୟନ୍ତ୍ରଣ ସଂଗଠନ (ନାକୋ) ଏବଂ ଓଡ଼ିଶା ରାଜ୍ୟ ଏଡ଼୍ସ ନିୟନ୍ତ୍ରଣ ସଂଗଠନ (ଓସାକ୍) ଭଳି ସରକାରୀ ଅନୁଷ୍ଠାନ ଓ ବେସରକାରୀ ସଂଗଠନର ମିଳିତ କାର୍ଯ୍ୟକ୍ରମ ଯୋଗୁଁ ଭୟ ଉଦ୍ରେକକାରୀ ଏଡ଼୍ସର କବଳରୁ ମାନବ ସମାଜକୁ ମୁକ୍ତ ରଖାଯାଇପାରିଛି। ପ୍ରାରମ୍ଭିକ ସ୍ତରରେ ଏଡ଼୍ସ ସଚେତନତା ମହିଳା ଓ ପୁରୁଷ ଯୌନକର୍ମୀ, ଟ୍ରକ ଡ୍ରାଇଭର ଓ ହିଞ୍ଜଡ଼ାମାନଙ୍କୁ ସଚେତନତା ସୃଷ୍ଟି କରିବାରେ ସଫଳତା ମିଳିଥିଲେ ମଧ୍ୟ ଏବେ ବି ଏଡ଼୍ସର ପ୍ରାଦୁର୍ଭାବରେ ହ୍ରାସ ପରିଲକ୍ଷିତ ହୋଇନାହିଁ। ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଶେଷକରି କିଶୋର ଓ ନିଶାସକ୍ତ ଯୁବକମାନେ ଏବେ ଏଡ଼୍ସ ଫାଶରେ ପଡ଼ିଥିବା ଦେଖିବାକୁ ମିଳିଛି। ଯାହାକୁ ଆଖିଆଗରେ ରଖି କିଶୋରଙ୍କୁ ଏଥିନେଇ ସଚେତନ କରିବା ଦିଗରେ 'ହୁ' ଗୁରୁତ୍ୱାରୋପ କରିଛି।

ବର୍ତ୍ତମାନ ଏଡ଼୍ସ ନିରାକରଣର ମୁଖ୍ୟ ଲକ୍ଷ୍ୟ ରହିଛି: ଆଉ ଜଣକୁ ବି ଏଡ଼୍ସ ଆକ୍ରାନ୍ତ ହେବାକୁ ଦିଆଯିବ ନାହିଁ, କୌଣସି ଏଡ଼୍ସ ଆକ୍ରାନ୍ତଙ୍କୁ ଭେଦଭାବର ଶିକାର ହେବାକୁ ଦିଆଯିବ ନାହିଁ କି ଏଡ଼୍ସ ଆକ୍ରାନ୍ତଙ୍କୁ ମରିବାକୁ ଦିଆଯିବ ନାହିଁ। ତେବେ ଚଳିତବର୍ଷ ବିଶ୍ୱ ଏଡ଼୍ସ ଦିବସ ଅବସରରେ କିଶୋରମାନଙ୍କୁ ସଚେତନତା ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଛି। 'ହୁ'ର ତଥ୍ୟ ଅନୁଯାୟୀ ବିଶ୍ୱରେ ବର୍ତ୍ତମାନ ପ୍ରାୟ ୪ କୋଟି ଲୋକ ଏଚଆଇଭି ଏଡ଼୍ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। କିନ୍ତୁ ସେଥିମଧ୍ୟରୁ ୨୧ଲକ୍ଷ କିଶୋର ବି ଏଡ଼୍ସରେ ଆକ୍ରାନ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ମାତୃଗର୍ଭରୁ ଏଡ଼୍ସର ଶିକାର ହୋଇଥିବାବେଳେ ଅଧିକାଂଶ କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରକ ଯୋଗୁଁ ଏଡ଼୍ସ ପଞ୍ଜାରେ ପଡ଼ି ଯାଇଛନ୍ତି। ବିଶେଷକରି ଅସୁରକ୍ଷିତ ଯୌନସମ୍ପର୍କ, ଡ୍ରଗ୍ ବ୍ୟବହାର ପାଇଁ ଏଭଳି ବିପଦ ଭିତରକୁ କିଶୋରମାନେ ଠେଲି ହୋଇଯାଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ନିକଟରେ ରାଜ୍ୟ ସରକାରଙ୍କ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୩୩୫୧୫ ଜଣ ଏଡ଼୍ସ ରୋଗୀ ଚିହ୍ନଟ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ଓଡ଼ିଶାର ସ୍ଥାନ ୧୪ରେ ରହିଛି। ସର୍ବାଧିକ ଏଡ଼୍ସ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ତାହା ପଛକୁ କଟକ ଓ ପରବର୍ତ୍ତୀ କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲା ରହିଛି। ସେହିପରି ସର୍ବଭାରତୀୟ ସ୍ତରରେ ଏଡ଼୍ସ ରୋଗରେ ସବୁଠୁ ଆଗରେ ରହିଛି ନାଗାଲାଣ୍ଡ ଓ ସବୁଠାରୁ କମ୍ ସ୍ଥାନରେ ରହିଛି କେରଳ। ୨୦୧୨ ସର୍ବେକ୍ଷଣ ଅନୁଯାୟୀ ସମଗ୍ର ଭାରତରେ ୧୦ ହଜାର ବ୍ୟକ୍ତିଙ୍କ ମଧ୍ୟରେ ୩୫ଜଣ ଏଡ଼୍ସ୍ ସଂକ୍ରମିତ ହୋଇଥିବାବେଳେ ଓଡ଼ିଶାରେ ଏହି ସଂଖ୍ୟା ୩୧।

୧୦ରୁ ୧୯ ବର୍ଷର କିଶୋରମାନଙ୍କ ମଧ୍ୟରେ ଏଡ଼୍ସ ସଚେତନତାର ଅଭାବ, ରୋଗର ନିଦାନ ଓ ନିରାକରଣ ଦିଗରେ ଉପଯୁକ୍ତ ପରାମର୍ଶ ଦିଆଯାଇପାରୁନଥିବାରୁ କିଶୋରମାନେ ଅତ୍ୟନ୍ତ ବିପଦସଂକୁଳ ହୋଇପଡ଼ିଛନ୍ତି। ଯେଉଁଥିପାଇଁ ଏଡ଼୍ସ ଆକ୍ରାନ୍ତ କିଶୋରମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରୁଥିବା କିଶୋରଙ୍କ ସଂଖ୍ୟାରେ ୫୦% ବୃଦ୍ଧି ପରିଲକ୍ଷିତ ହୋଇଥିଲା। କିନ୍ତୁ ଧୀରେ ଧୀରେ ଏଥିନେଇ ସଚେତନତା ସୃଷ୍ଟି କରାଯାଇଥିବାରୁ ଏହା ଏବେ ୩୦%କୁ ହ୍ରାସ ପାଇଛି। ତେବେ ଏହି ମୃତ୍ୟୁସଂଖ୍ୟାକୁ ଶୂନ୍ୟକୁ ଆଣିବା ପାଇଁ ବିଶେଷ ସଚେତନତାର ଆବଶ୍ୟକତା ରହିଛି ବୋଲି ହୁ ପକ୍ଷରୁ କୁହାଯାଇଛି। ଯେଉଁ କିଶୋରୀ ଝିଅ ଓ ପୁଅମାନେ ଅସୁରକ୍ଷିତ ଯୌନସମ୍ପର୍କ ରକ୍ଷାକରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଏହି ଆଶଙ୍କା ବେଶ୍ ବୃଦ୍ଧିପାଇଛି। ଖାଲି ସେତିକି ନୁହେଁ କିଶୋର ଓ କିଶୋରୀମାନେ ସ୍ୱେଚ୍ଛାକୃତ ଭାବେ ଏଚଆଇଭି ଏଡ଼୍ସ ପରୀକ୍ଷା ପାଇଁ ଚାହୁଁଥିଲେ ମଧ୍ୟ ସମାଜରେ ଏଥିନେଇ ପ୍ରତିକୂଳ ଧାରଣା ସୃଷ୍ଟି ହେବାର ଆଶଙ୍କା କାରଣରୁ ସେମାନେ ପରୀକ୍ଷା କରିପାରୁନାହାନ୍ତି। ତେଣୁ ନିଦାନ ଓ ଔଷଧ ସେବନ ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି ବୋଲି ୟୁନିସେଫ୍ ପ୍ରକାଶ କରିଛି। ସେହିପରି ଡ୍ରଗ୍ ବ୍ୟବହାରକାରୀମାନେ ଅଶୋଧିତ ଛୁଞ୍ଚିରେ ସାଙ୍ଗମାନଙ୍କ ମଧ୍ୟରେ ନିଶାସେବନ କରୁଥିବାରୁ ଏଡ଼୍ସର ଆଶଙ୍କା ବହୁଗୁଣା ବୃଦ୍ଧି ପାଇଛି। ଏହାକୁ ଆଖିଆଗରେ ରଖି ଚଳିତ ବର୍ଷ କିଶୋରମାନଙ୍କୁ ଅଧିକରୁ ଅଧିକ ସଚେତନ କରିବା ଦିଗରେ ହୁ, ନାକୋ ସମେତ ଓସାକ୍ ମଧ୍ୟ ପଦକ୍ଷେପ ଗ୍ରହଣ କରିଛି। ବିଶ୍ୱ ଏଡ଼୍ସ୍ ଦିବସ ଅବସରରେ ସମସ୍ତଙ୍କ ଭିତରେ ଏଡ଼୍ସ୍ ପରି ଭୟାନକ ରାକ୍ଷାସ ବିରୁଦ୍ଧରେ ମିଳିତ ଭାବେ ସଂଗ୍ରାମ କରିବା ପାଇଁ ବଜ୍ରଶପଥର ସଂକଳ୍ପ ଦିବସ ହେଉ। ତେବେ ବଡ଼ ଖୁସିର କଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ଏଡ଼୍ସ୍‌ର ମୁକାବିଲା ପାଇଁ ବ୍ୟାପକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିନା ସରକାରୀ ସହାୟତା ବା କୌଣସି ସଂଗଠନର ସାହାଯ୍ୟ ନନେଇ ବିଭିନ୍ନ ଅନୁଷ୍ଠାନ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମ ହାତକୁ ନେଉଛି। ସମାଜରେ ଭୟାବହ କୁହାଯାଉଥିବା ଏଡ଼୍ସ୍ ଓ ହେପାଟାଇଟିସ୍ ବି ଉଭୟ ସମଭାବରେ ସଂକ୍ରମଣ ହୁଅନ୍ତି। ଯାହାଦ୍ୱାରା ବିଶେଷକରି ଦାଦନମାନେ ବାହାର ରାଜ୍ୟକୁ ଯାଉଥିବାରୁ ତଥାକଥିତ ଅଞ୍ଚଳରେ ଦାଦନମାନଙ୍କ ଦ୍ୱାରା ଏଡ଼୍ସର ସମ୍ଭାବ୍ୟ ଭୟ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଏଡ଼୍ସ ସେଲ ମଧ୍ୟ ଗଠନ ହୋଇ ଏଡସ୍ ନିରାକରଣ ତଥା ଏଥିପ୍ରତି ସଚେତନ ପାଇଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ତାହା ସଫଳ ହେଉଛି। ତେବେ ଏହି ଦାୟିତ୍ୱକୁ ଆମ ସମାଜରେ ସମସ୍ତଙ୍କ ଭିତରେ ଏକ ମିଳିତ ଉତ୍ତରଦାୟିତ୍ୱ ଭାବେ ବିଚାର କଲେ ସମାଜରେ ଏଡ଼୍ସ୍ ରାକ୍ଷାସର ମୂଳୋତ୍ପାଟନ ସମ୍ଭବ ହୋଇପାରିବ।

**ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା**
*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଭେଷଜ ବିଭାଗ, ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲ, କୋରାପୁଟ, ଦୂରଭାଷ: ୦୬୭୧୨୩୦୨୩୦୦*




# ରାଜ୍ୟରେ ତିନି ହଜାର କିଲୋମିଟରର ରାସ୍ତାର ହେବ ସାଇନେଜ ଅଡ଼ିଟ

ଓଡ଼ିଶା ସରକାରଙ୍କ ସଡ଼କ ଓ ପରିବହନ ବିଭାଗ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ଯାହାର ବଡ଼ ସୁଫଳ ଗାଡ଼ି ଚାଳକମାନେ ପାଇବେ ଏବଂ ସଡ଼କ ଦୁର୍ଘଟଣାରୁ ମଧ୍ୟ ସେମାନେ ମୁକ୍ତି ପାଇପାରିବେ। ରାଜପଥରେ ସାଇନେଜ ନଥିଲେ ଏହା ସଡ଼କ ବ୍ୟବହାରକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏହାଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଉଥିବା ଜଣା ପଡ଼ିଛି। ରାଜ୍ୟ ସଡ଼କ ପରିବହନ ବିଭାଗର ଏକ ପାଇଲଟ ପ୍ରୋଜେକ୍ଟ ଜରିଆରେ ୫୦ କିମି ରାସ୍ତାର ସାଇନେଜ ଅଡିଟ ପରେ ଏହା ସ୍ପଷ୍ଟ ହୋଇଛି। ଏକଥା ଜଣା ପଡ଼ିବା ପରେ ରାଜ୍ୟ ସଡ଼କ ପରିବହନ ବିଭାଗ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୩ ହଜାର କିଲୋମିଟରର ରାଜପଥର ସାଇନେଜ ଅଡିଟ କରାଯିବ। ଅର୍ଥାତ ରାସ୍ତାର ସବୁ ସ୍ଥାନରେ ସାଇନେଜ ଲାଗିବ। ଓଡ଼ିଶାରେ ୧୦୦ ପ୍ରତିଶତ ରାସ୍ତାକୁ ସଙ୍କେତ ଅନୁକୂଳ କରିବା ପାଇଁ ପରିହବନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୩ ହଜାର କିଲୋମିଟରର ରାସ୍ତା ପାଇଁ ସଡ଼କ ଚିହ୍ନ ଓ ମାର୍କିଂରେ ଅଡ଼ିଟ କରିବା ପାଇଁ ପଦକ୍ଷେପ ନେଉଥିବା ନେଇ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ରାସ୍ତାରେ ମାନବୀୟ ତ୍ରୁଟି ଯୋଗୁଁ ଦୁର୍ଘଟଣା ଘଟୁଛି। ଠିକ ସାଇନେଜ ନ ଥିବାରୁ ଏହା ଦୁର୍ଘଟଣାର କାରଣ ହୋଇଛି। ଓଡ଼ିଶାରେ ୧୦୦ ପ୍ରତିଶତ ସଡ଼କ ସଙ୍କେତ ଅନୁକୂଳ କରିବା ପାଇଁ ପରିବହନ ବିଭାଗ ରାଜ୍ୟରେ ସଡ଼କ ସଙ୍କେତ ଅଡିଟ ଭଳି ଏକ ନିଆରା ପଦକ୍ଷେପ ହାତକୁ ନେଇଛି। ଉପଯୁକ୍ତ ସଡ଼କ ଚିହ୍ନ, ଟ୍ରାଫିକ ସଙ୍କେ ସରଳୀକରଣ, ସଡ଼କ ଇଂଜିନିୟରିଂ ବ୍ୟବସ୍ଥାରେ ସୁଧାର ଆଣି ସଡ଼କ ଦୁର୍ଘଯଣା ମାତ୍ରାକୁ କମ କରିବାକୁ ପଦକ୍ଷେପ ନିଆଯାଉଛି। ତ୍ରୁଟିପୂର୍ଣ୍ଣ ସାଇନେଜ ଓ ସିଗନାଲ ଗୁଡ଼ିକ ବହୁ ସମୟ ଟ୍ରାଫିକ ଜାମ ଓ ସଡ଼କ ଦୁର୍ଘଟଣାର କାରଣ ହୋଇଛି। ବିଶେଷଜ୍ଞଙ୍କ ସାହାଯ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ୫୦ କିଲୋମିଟରର ରାସ୍ତା, ଦେଓକର୍ଣ୍ଣପୁରରୁ କେସଇବାହାଲ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନଂ ୧୦ (ବିଜୁ ଏକ୍ସପ୍ରେସ)ରେ ମାର୍କିଂର ପରୀକ୍ଷାମୂଳକ ଅଡିଟ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା କି ସଡ଼କ ବ୍ୟବହାରକାରୀଙ୍କ ପାଇଁ ସାଇନେଜର ଆବ୍ୟକତା ରହିଛି। ସଙ୍କେତ ନଥିବା ଛକ ଚାଳକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଯାହା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହେଉଛି। ନମୁନା ଅଡିଟର ଅନୁସନ୍ଧାନ ଓ ସୁପାରିସ ଅନୁଯାୟୀ ରାଜପଥ ପ୍ରସାରଣରେ ସଂଶୋଧନ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ସ୍ଥାନରେ ଠିକ ରୋଡ଼ ସାଇନେଜ ଲଗାଇବେ ଓ ନଷ୍ଟ ହୋଇଯାଇଥିବା ସାଇନେଜ ଗୁଡ଼ିକର ମରାମତି କରିବେ। ଆବଶ୍ୟକସ୍ଥଳେ ସେମାନେ ନୂତନ ରୋଡ଼ ସାଇନେଜ ସ୍ଥାପନ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସବୁ କ୍ଷେତ୍ରରେ ପ୍ରଶାସନ ଠାରୁ ଆମ ସମସ୍ତଙ୍କର ସଚେତନତା ଓ ଗୁରୁଦାୟିତ୍ୱ ରହିଛି ଏହାକୁ ମନେ ରଖିବା ଜରୁରୀ।

## ବାଇକ ଦୁର୍ଘଟଣାରେ ନାବାଳକ ସମେତ ୨ ଆହତ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ନେଉଳପୁର ନିକଟରେ ଶୁକ୍ରବାର ସକାଳେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ସମେତ ଜଣେ ନାବାଳକ ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଯାଜପୁର ଅଂଚଳର ଦୀଲିପ ବାରିକ (୪୨) ନିଜ ଭଉଣୀ ଓ ଭଣଜା ବାଦଲ ପୃଷ୍ଟି (୬)ଙ୍କୁ ବାଇକରେ ବସାଇ କଟକ ଅଭିମୁଖେ ଯାଉଥିବା ବେଳେ ନେଉଳପୁର ନିକଟରେ ବାଇକ ଆଗକୁ କୁକୁର ପସି ଆସିବାରୁ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଫଳରେ ଦୀଲିପଙ୍କ ଗୋଡ ଭାଙ୍ଗିଯାଇଥିଲା ବେଳେ ବାଦଲ ଆହତ ହୋଇଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହୀନୀ ଆହତମାନଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟ ମାମୁ ଭଣଜାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

## ମଲ୍ଲିପଦରରେ ମୋତିଆ ବିନ୍ଦୁ ଚିହ୍ନଟ ଶିବିର

ଖୋର୍ଦ୍ଧା (ପିଏନ)-ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ପଂଚାୟତ ମଲ୍ଲିପଦର ଗ୍ରାମର ନୂଆ ପାରିଜାତ କ୍ଲବ ପରିସରରେ ରାଷ୍ଟ୍ର ଶକ୍ତି ମିଶନ ଓ ଆମ ଗାଁ ମହୋତ୍ସବ କମିଟି ପକ୍ଷରୁ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ଏ ନେଇ ବିଜେଡି ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ ଗାଁ ମହୋତ୍ସବ କମିଟିର ଉପଦେଷ୍ଟା ସୁବାସ ମହାନ୍ତି, ସଭାପତି ବିଦ୍ୟାଧର ମହାରଣା, ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ଚକ୍ଷୁରୋଗର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏଥିରେ ଭୁବନେଶ୍ୱରର ସେଂଟର ଫର ସାଇଟ ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ସୁଧାଂଶୁ ଶେଖର ମହାପାତ୍ର, ମାନସ ସିଂହ ଓ ଦିପ୍ତୀରଂଜନ ପଣ୍ଡା ଯୋଗଦେଇ ମୋଟ ୫୬ ଜଣଙ୍କୁ ପରୀକ୍ଷା କରାଯାଇଥିଲା। ସେଥିରୁ ୧୮ ଜଣ ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିବାବେଳେ ମାଗୁଣୀ ସାମନ୍ତରାୟ, ରବୀନ୍ଦ୍ର କୁମାର ବାରିକ, ପ୍ରେମାନନ୍ଦ ମହାପାତ୍ର, ପ୍ରେମାନନ୍ଦ ସେଠୀ, ଚକ୍ରଧର ମହାରଣା, ବିକ୍ରମାଦିତ୍ୟ ପଣ୍ଡା ଓ ରଂଜନ କୁମାର ଦାଶ ସହଯୋଗ କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମୋତ୍ସବ

ଧର୍ମଶାଳା (ପିଏନ୍): ଧର୍ମଶାଳା ସତସଙ୍ଗ କେନ୍ଦ୍ର ପକ୍ଷରୁ ଜାରକାଠାରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିବସ ବ୍ୟାପି ବହୁ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସତସଙ୍ଗ କେନ୍ଦ୍ରର ସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ତହସିଲଦାର ସ୍ୱାଗତ ଦାସ, ଅତିଥି ଭାବେ ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର ଓ ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି ଯୋଗଦେଇ ଠାକୁର ଅନୁକୁଳଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜଳବାୟୁ ପରିବର୍ତନ ସମୟରେ ବୃକ୍ଷର ଆବଶ୍ୟକତା ଉପଲବ୍ଧି କରି ଅତିଥିମାନେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, ରମେଶ ଚନ୍ଦ୍ର ଜେନା, କୁଳମଣି ସାମଲ, ଅଜୟ କୁମାର ନାଥ, ନିଗମ ମହାନା, ସନ୍ତୋଷ ଦାସ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଗୁରୁଭାଇମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ନାରାୟଣ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶରେ କୃଷିର ସାମଗ୍ରିକ ସ୍ଥିତି !

ଭୁବନେଶ୍ୱର (ପିଏନ୍): ଭାରତୀୟ କୃଷିର ସାମଗ୍ରିକ ସ୍ଥିତି ସନ୍ତୋଷଜନକ ନୁହେଁ। ସେଥିରେ ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ଯେ ଚାଷବାସର ହାଲତ ଭଲ ରହିବ ତାହା ଭାବିବା ଠିକ୍ ନୁହେଁ। ଦୀର୍ଘକାଳଧରି ଓଡ଼ିଶାର କୃଷି କ୍ଷେତ୍ର ଅବହେଳିତ ହୋଇରହିବା ପରେ ଗତ ୪/୫ ବର୍ଷ ଧରି ରାଜ୍ୟ ସରକାର ଏ କ୍ଷେତ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଚାଷବାସ ପାଇଁ ଅଧିକ ପୁଞ୍ଜିନିବେଶ, ସ୍ୱତନ୍ତ୍ର ନୀତି ପ୍ରଣୟନ ଓ ଯୋଜନା ଆଦି ହାତକୁ ନିଆଯାଇଛି। ସେଥିମଧ୍ୟରୁ ସ୍ୱତନ୍ତ୍ର କୃଷି ବଜେଟ ଅନ୍ୟତମ। ଏହି କ୍ଷେତ୍ରର ଦକ୍ଷତାର ପୂର୍ଣ୍ଣ ଉପଯୋଗ କରିବାପାଇଁ ଯେଉଁ ଉଦ୍ୟମ ହେଉଛି ତାହା ତତ୍କାଳ ବା କମ୍ ସମୟରେ ଫଳ ଦେବାର ସମ୍ଭାବନା କ୍ଷୀଣ। ଏହା ଜାଣି ମଧ୍ୟ ରାଜ୍ୟ ସରକାର କୃଷିକ୍ଷେତ୍ରର ଉପଲବ୍ଧି ନେଇ ମଝିରେ ମଝିରେ ଯେଉଁସବୁ ଦାବି କରୁଛନ୍ତି ତାହା ହାସ୍ୟାସ୍ପଦ ଲାଗେ। ଏଭଳି ଆକାଶରୁ ତୋଳିଆଣିବା ଭଳି ସଫଳତା ପଛରେ ପରିସଂଖ୍ୟାନର ପ୍ରହେଳୀ ସହିତ ରାଜନୈତିକ କାରଣ ଅଧିକ। ସଫଳତାର ଶ୍ରେୟ ନେବାକୁ ସରକାରଙ୍କୁ କେହି ମନାକରୁନାହାନ୍ତି; କିନ୍ତୁ ଉଦ୍ୟମର ଗଛ ଭୂଇଁରୁ ଉଠିବା ପୂର୍ବରୁ ତା'ର ଫଳକୁ ନେଇ ଦାବି ଜଣାଇବା ସର୍ବଦା ହାସ୍ୟାସ୍ପଦ। ଜାତୀୟ କୃଷି କର୍ମଣ ପୁରସ୍କାର ସେଥିମଧ୍ୟରୁ ଗୋଟିଏ। ଏହା ଜାତୀୟ ସ୍ତରରେ ବିଭିନ୍ନ ଶ୍ରେଣୀର ରାଜ୍ୟମାନଙ୍କୁ ଭିନ୍ନଭିନ୍ନ ବର୍ଗରେ ମିଳିଥାଏ। ଓଡ଼ିଶା ଯେଉଁ ବର୍ଗରେ ଅଛି ସେଥିରେ ଧାନ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ବର୍ଗର ରାଜ୍ୟମାନେ ରହିଛନ୍ତି। ବିଗିଡ଼ିଯାଇଥିବା ଉତ୍ପାଦନ ଧାରାକୁ ବ୍ୟବସ୍ଥିତ କରି ଅମଳ ବଢ଼ାଇବାପାଇଁ ଏହି ପୁରସ୍କାର ଦିଆଯାଇଥାଏ। ସେଥିପାଇଁ ସେହି ବର୍ଗର ରାଜ୍ୟମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ। ଏହା ଜାତୀୟ ସ୍ତରରେ ପ୍ରଦାନ କରାଯାଉଥିଲେ ମଧ୍ୟ ସର୍ବଭାରତୀୟ ସ୍ତରରେ ଏକକ ଶ୍ରେଷ୍ଠ ପ୍ରଦର୍ଶନର ସଫଳତା ନୁହେଁ। ତେଣୁ ଏହି ସଫଳତାରେ ଆତ୍ମହରା ନ ହୋଇ ବରଂ ପ୍ରଥମ ବର୍ଗରେ ଥିବା ରାଜ୍ୟମାନଙ୍କ ସହ ପ୍ରତିଯୋଗିତା କରିବାକୁ ପ୍ରୟାସ ଆରମ୍ଭ ହେବା ଆବଶ୍ୟକ। ଦ୍ୱିତୀୟ ପ୍ରସଙ୍ଗଟି ହେଲା ଡାଲିଜାତୀୟ ଫସଲ ଓ ତୈଳବୀଜ ଉତ୍ପାଦନ ପାଇଁ ରାଜ୍ୟରେ ଆବଶ୍ୟକ ସୁବିଧାସୁଯୋଗ ଥିବା ସତ୍ତ୍ୱେ ଏ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ। ଡାଲି ଓ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ନ ପାରିବାର କାରଣ ଅନୁଧ୍ୟାନ କରି ସରକାର ପଦକ୍ଷେପ ନେଲେ ଭଲ ହେବ। କପା, ଆଖୁ, ଛୋଟଶସ୍ୟ ଆଦି କଥା ମଧ୍ୟ ଆମକୁ ଚିନ୍ତା କରିବାକୁ ପଡ଼ିବ; କାରଣ ଏଥିରେ ଓଡ଼ିଶା ବହୁତ ପଛରେ। ଉଦ୍ୟାନକୃଷି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ କରେ। ଆମର ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରଦର୍ଶନ ଅପେକ୍ଷାକୃତ ଭଲ ହେଲେ ମଧ୍ୟ ଏ କ୍ଷେତ୍ରରେ ବିଶାଳ ସମ୍ଭାବନାକୁ ଏବେ ମଧ୍ୟ ଉପଯୋଗ କରାଯାଇ ପାରିନାହିଁ। ନମୁନା ସର୍ଭେ ତଥ୍ୟକୁ ଭିତ୍ତିକରି ଏବେ ରାଜ୍ୟ ସରକାର କହୁଛନ୍ତି ଓଡ଼ିଆଚାଷୀଙ୍କ ଆୟ ଦୁଇଗୁଣ ହୋଇଛି। ଏ ଦାବି ପଛରେ ବିଶେଷ କିଛି ଗର୍ବ କରିବା ବା ବାହାଦୁରି ନେବାର ନାହିଁ। ଦଶବର୍ଷ ତଳେ ଦେଶ ବା ରାଜ୍ୟର ସାଧାରଣ ମୂଲ୍ୟସୂଚୀ ଯାହାଥିଲା ଏବେ ତାହା ପାଖାପାଖି ୫ଗୁଣ ବଢ଼ିଛି। ସାମଗ୍ରୀ ମହଙ୍ଗା ହୋଇଥିବାବେଳେ ଟଙ୍କାର କ୍ରୟଶକ୍ତି କମିଛି। ସବୁ ଜିନିଷର ମୂଲ୍ୟ ବଢ଼ିଥିବାବେଳେ କୃଷିଜାତ ସାମଗ୍ରୀର ମୂଲ୍ୟ ବଢ଼ିଛି। ତଦନୁସାରେ ଚାଷୀ ତା'ର ଉତ୍ପାଦିତ ସମାଗ୍ରୀର ମୂଲ୍ୟ ବଢ଼ାଇବାକୁ ବାଧ୍ୟ ହୋଇଛି। ଏହି ମୂଲ୍ୟରେ ତା'ର ଉତ୍ପାଦନ ଖର୍ଚ୍ଚ, ନିଜସ୍ୱ ମଜୁରି ଓ ଅନ୍ୟାନ୍ୟ ଖର୍ଚ୍ଚ ରହିଛି। ତେଣୁ ତାହାର ଆୟ ବଢ଼ିଛି ବୋଲି କହିବା ଠିକ୍ ନୁହେଁ। ଯଦି ଚାଷୀଙ୍କର ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥା'ନ୍ତା, ତା'ହେଲେ ସେମାନେ ଲାଭବାନ ହୋଇଥାନ୍ତେ। କୃଷି କ୍ଷେତ୍ରରେ ବିଭିନ୍ନ ଅଗ୍ରଣୀ ରାଜ୍ୟର କୃଷିଜାତ ଦ୍ରବ୍ୟ ଅମଳ ପରିମାଣ ହେକ୍ଟର ପିଛା ଯାହା ଓଡ଼ିଶା ସେଥିରେ ବହୁ ପଛରେ। ସେହିଭଳି ଚାଷଜମିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କ୍ଷେତ୍ରରେ ମଧ୍ୟ ଓଡ଼ିଶା ପଛରେ। ଏଠାରେ ସାର ବ୍ୟବହାର ମଧ୍ୟ ଜାତୀୟ ହାରଠାରୁ କମ୍। ସର୍ବୋପରି ଓଡ଼ିଶାରେ ଏବେ ବିଭିନ୍ନ କାରଣରୁ ଅଧା ଚାଷଜମି ପଡ଼ିଆ ପଡୁଛି। ଚାକିରି କରିଥିବା ଲୋକଙ୍କ ବେତନ, ମଜୁରି ଓ ଦରଦାମ ଯେଉଁ ତୁଳନାରେ ବଢ଼ିଛି ତଦନୁସାରେ ଚାଷୀର ଆୟ ନଗଣ୍ୟ। ତେଣୁ ଏହାକୁ ନେଇ ସରକାର ଛାତି ଫୁଲେଇ ବାହାବା ନେବା ତୁଚ୍ଛା ବାହାଦୁରି। ଓଡ଼ିଆ ଚାଷୀର ଆୟ ଯଦି ୪/୫ ଗୁଣା ବଢ଼ିଥା'ନ୍ତା ତେବେ ଏହାକୁ ନେଇ ଗର୍ବ କରିହୋଇଥାନ୍ତା। ରାଜ୍ୟର ମୋଟ ୭୦ ଶତାଂଶ ଲୋକ କୃଷି ଉପରେ ନିର୍ଭରଶୀଳ। ସେମାନଙ୍କ ମଧ୍ୟରୁ ଅଧିକାଂଶ କେବଳ ପରିବାର ପୋଷଣ ପାଇଁ ଚାଷ କରିଥାନ୍ତି। ଏହାସତ୍ତ୍ୱେ ରାଜ୍ୟର ମୋଟ ଘରୋଇ ଉତ୍ପାଦନରେ କୃଷିକ୍ଷେତ୍ରର ଅବଦାନ ୧୮ ଶତାଂଶ ଯାହା ନଗଣ୍ୟ। ଏହି କ୍ଷେତ୍ରରେ ଯେତେ ଲୋକ ସମ୍ପୃକ୍ତ ସେମାନଙ୍କ ମଧ୍ୟରୁ ଅଧେଙ୍କୁ ବାହାର କରିଦେଇ ଅନ୍ୟ କ୍ଷେତ୍ରରେ କାମଧନ୍ଦା ଯୋଗାଇଲେ ବରଂ ସେମାନଙ୍କ ଆୟ ବଢ଼ିବ। ଚାଷବାସ ଭଳି ସୀମିତ କ୍ଷେତ୍ରରେ ଅସୀମିତ ଲୋକଙ୍କ ସମ୍ପୃକ୍ତି ସମ୍ପୃକ୍ତ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହେବନାହିଁ। ଓଡ଼ିଶା ସରକାର କୃଷି ବିକାଶର ଡିଣ୍ଡିମ ପିଟୁଥିବାବେଳେ ରାଜ୍ୟରେ ଚାଷୀ ଆତ୍ମହତ୍ୟା ଓ ଧାନଭଳି କୃଷିଜାତ ପଦାର୍ଥର ଅଭାବୀ ବିକ୍ରି ଏକ ନିତିଦିନିଆ ଘଟଣା ପାଲଟିଛି। ଯେଉଁ ସାମଗ୍ରୀର ଚାହିଦା ରହିଛି ତାହାକୁ ଚାଷ ନ କରି କେବଳ ଧାନଚାଷରେ ମାତିଲେ ସମସ୍ୟାର ସମାଧାନ ତ ହେବନାହିଁ, ବରଂ ଏହା ବଢ଼ିବ। ରାଜ୍ୟ ସରକାର ଏ ଦିଗପ୍ରତି ଦୃଷ୍ଟିଦେଇ ନୂଆ ନୀତି ପ୍ରଣୟନ କରନ୍ତୁ। ଖାଦ୍ୟଶସ୍ୟ ସହ ଡାଲି, ତୈଳବୀଜ, ପନିପରିବା, ଆଳୁପିଆଜ, ମାଛମାଂସ ଭଳି ବହୁଳ ବ୍ୟବହୃତ ଜିନିଷରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିଲେ ଯାଇ ଆମେ ନିଶଫୁଲାଇ ଚାଲିପାରିବା ଏବଂ ଗର୍ବର ସହ ଆମ କୃଷି ଉପଲବ୍ଧିର କାହାଣୀ କହିପାରିବା।

# ପ୍ରଦେଶ ଛାତ୍ର କଂଗ୍ରେସର 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ୍)-ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ମହର୍ଷି କଲେଜଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମରେ ଏକ ପଦଯାତ୍ରା ହୋଇଥିଲା। ଛାତ୍ର କଂଗ୍ରେସ କର୍ମକର୍ତାମାନେ ଏବଂ ଛାତ୍ରଛାତ୍ରୀମାନେ ମହର୍ଷି କଲେଜରୁ ଯାତ୍ରା ଆରମ୍ଭ କରି ରମାଦେବୀ ବିଶ୍ୱବିଦ୍ୟାଳୟ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିକ୍ରମା କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ୟାସିର ନୱାଜଙ୍କ ଆହ୍ୱାନରେ ରାହୁଲ ଗାନ୍ଧୀଙ୍କର ଭାରତଯୋଡ଼ କାର୍ଯ୍ୟକ୍ରମକୁ ଓଡ଼ିଶାର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆଗେଇ ନିଆଯିବ। ଓଡ଼ିଶାର ସାରା ମଧ୍ୟ ଏହି କାର୍ଯ୍ୟକ୍ରମ ଏବେ ଚାଲିଛି। ଏଥିରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପ୍ରତି ତାଙ୍କର ସମର୍ଥନ ବ୍ୟକ୍ତ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ନୱାଜ କହିଥିଲେ ଯେ ଦେଶର ଅଖଣ୍ଡତା ରକ୍ଷା କରିବାପାଇଁ, ଗଣତନ୍ତ୍ର ଓ ସମ୍ବିଧାନକୁ ସଶକ୍ତ କରିବାପାଇଁ, ଦେଶର ସମ୍ପତି ବିକ୍ରିକୁ ରୋକିବା ପାଇଁ ଏବଂ ବିଶେଷ କରି ଘୃଣା, ହିଂସା, ଦ୍ୱେଷକୁ ପରିହାର କରି ଏକ ନୂତନ ଭାରତବର୍ଷର ଗଠନର ପ୍ରଚେଷ୍ଟା ହେଉଛି ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ନବୀନ ସରକାରଙ୍କର ଛାତ୍ର ବିରୋଧୀ ନୀତିର ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଛାତ୍ର ବିଜେଡ଼ିର ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାପାଇଁ ମୁଖ୍ୟମନ୍ତ୍ରୀ ଚକ୍ରାନ୍ତ କରୁଛନ୍ତି। ଗୋଟିଏ ପଟେ ଚାରିବର୍ଷ ହେଲା ଛାତ୍ର ସଂସଦର ନିର୍ବାଚନ ବନ୍ଦ କରାଯାଇଥିଲା ବେଳେ, ଛାତ୍ର ବିଜେଡ଼ି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ୨୨ ବର୍ଷ ଭିତରେ ଛାତ୍ର ବିଜେଡ଼ି ଏକ ନିକମା, ମେରୁଦଣ୍ଡବିହୀନ, ମସ୍ତକ ବିହୀନ, ସ୍ୱାଭିମାନ ରହିତ, ଗୋଡ଼ାଣିଆ, ଅନ୍ଧ, ମୂକ, ବଧିର ସଂଗଠନ ଭାବରେ ରହିଛି। ଏମାନେ କେବେ ଛାତ୍ରସ୍ୱାର୍ଥ ପାଇଁ ସ୍ୱର ଉତୋଳନ କରନ୍ତି ନାହିଁ। କେବଳ ନବୀନବାବୁଙ୍କ ଜୟଜୟକାର କରିବା ଛଡ଼ା ଛାତ୍ର ବିଜେଡ଼ିର ଦ୍ୱିତୀୟ କାର୍ଯ୍ୟ କିଛି ନାହିଁ। ଏମାନେ କେବେ ଆନ୍ଦୋଳନ କରି ରାସ୍ତା ଉପରକୁ ଓହ୍ଲାଇ ନାହାନ୍ତି। ସାରା ରାଜ୍ୟରେ କ୍ୟାମ୍ପସ ଅସୁରକ୍ଷିତ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ପ୍ରାଇଭେଟ କଲେଜର ମାଲିକମାନେ ଶୋଷଣ କରୁଛନ୍ତି। କଲେଜ ଫି ବଢ଼ି ବଢ଼ି ଚାଲିଛି, ର୍ୟାଗିଂ ଚାପରେ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି, ଅଧ୍ୟାପକମାନଙ୍କର ଘୋର ଅଭାବ, ଭିତିଭୂମି ନାହିଁ, ଜାଲ ସାର୍ଟିଫିକେଟରେ ଆଡମିଶନ ହେଉଛି, ଡେଭଲପମେଂଟ ଫଣ୍ଡ ଲୁଟି ନିଆଯାଉଛି। ଆମେ ଆନ୍ଦୋଳନ କରୁଛୁ ମାତ୍ର ଛାତ୍ର ବିଜେଡ଼ି ଚୁପ ବସିଛି। ଏବିଭିପି ମଧ୍ୟ ବିସିଜେଡ଼ି ସହ ହାତ ମିଳାଇଛି। ଅପରପକ୍ଷରେ ବର୍ଷକୁ ନବୀନ ପଟ୍ଟନାୟକ ୨ଲକ୍ଷ ଏବଂ ନରେନ୍ଦ୍ର ମୋଦି ୨ କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇ ଏବେ ଛାତ୍ରଛାତ୍ରୀମାନଙ୍କୁ ଓ ବେକାର ଯୁବକ ଯୁବତୀମାନଙ୍କୁ ଭୂଆଁ ବୁଲାଉଛନ୍ତି। ମହଙ୍ଗାମାଡ଼ ଜନସାଧାରଣଙ୍କର ମେରୁଦଣ୍ଡ ଭାଙ୍ଗି ଦେଇଛି। ଖଣି, ରେଳବାଇ, ଏଲଆଇସି, ବିଏସଏନଏଲ, ବନ୍ଦର ଯାହା ସବୁ ଦେଶର ସଂପତି ରହିଛି ସବୁ ଗୋଟି ଗୋଟି କରି ନରେନ୍ଦ୍ର ମୋଦି ନିଜର ବନ୍ଧୁ ଶିଳ୍ପପତିମାନଙ୍କୁ ଦାନ କରିଦେଉଛନ୍ତି। ଘୃଣା, ହିଂସା, ଜାତିବାଦ, ଖାଦ୍ୟ ଓ ପୋଷାକ ଆଧାରରେ ଭାରତକୁ ଭାଗ ଭାଗ କରିବାପାଇଁ ଚକ୍ରାନ୍ତ ଚାଲିଛି। ଜାତୀୟ ଶିକ୍ଷା ନୀତି ୨୦୨୦ ପ୍ରଣୟନ କରାଯାଇଛି ଯାହାକି ବିଜେପି ଓ ଆରଏସଏସ ପ୍ରସ୍ତୁତ ଏକ ଶିକ୍ଷା ବ୍ୟବସ୍ଥା। ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦିଆଯାଇଛି। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସମୂହରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ବେଳେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାପାଇଁ ଛାତ୍ର କଂଗ୍ରେସ ଛାତ୍ର ଯୋଡ଼ୋ କାର୍ଯ୍ୟକ୍ରମ କରୁଛି। ପ୍ରତ୍ୟେକ କଲେଜ ଓ ବିଶ୍ୱବିଦ୍ୟାଳୟରେ ପଂହଚିବା ଆମର ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, କିରଣ ସାହୁ, ନିହାର ବେହେରା, ସ୍ୱାଗତ କର, ସୁନିଲ ମାଟିଆ, ଜଗଦିଶ ଗଜେନ୍ଦ୍ର, ସ୍ମୃତିରନ ତ୍ରିପାଠୀ, ନିହାର ବେହେରା, ରଣଜିତ ସେନାପତି, କାର୍ତିକେଶ୍ୱର କାଣ୍ଡି, ବିଶ୍ୱଭୂଷଣ ମହାପାତ୍ର, ବିଭୁତିଭୂଷଣ ମହାପାତ୍ର, ନିଆଜୁଲ ଇସଲାମ, ସାହାରୁଖ ଖାନ, ଉଦିତ୍ ପ୍ରଧାନ, ମହମ୍ମଦ ସମିଉଲ, ଭାଗ୍ୟଶ୍ରୀ ମହାନ୍ତି, ରାଜଲକ୍ଷ୍ମୀ ସାହୁ, ସ୍ନେହା ଜେନା, ସୌମ୍ୟବ୍ରତ ଷଣ୍ଢ, ସୟଦ ଆଜମ ଅଲ୍ଲୀ, ଆର୍ଯ୍ୟାନ ସାସମଲ, ଅବଦୁଲ ଆବ୍ରାର, ବାସୁଦେବ ନାର୍ଥ ଶର୍ମା, ଅପର୍ଣ୍ଣା ଜେନା, ଲିପ୍ସା ପରିଡ଼ା, ରାଜେଶ୍ୱରୀ ବିଶ୍ୱାଳ, ବାସନ୍ତ ଗାଗରାଇ, ପ୍ରତ୍ୟୁଷ ରଂଜନ ପ୍ରଧାନ ଓ ସୁନିଲ ସାହୁ ଗାନ୍ଧୀ ପ୍ରମୁଖ ବହୁ ଛାତ୍ର ନେତା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଏସେଲସ୍ ପବ୍ଲିକ ସ୍କୁଲ ପକ୍ଷରୁ ଉଡାନ ଓ ଲିଟେରାରୀ କ୍ଲବ ଉଦଘାଟିତ



କଟକ (ପିଏନ୍): କଟକ ସେକ୍ଟର-୯ସ୍ଥିତ ଏସେଲସ୍ ପବ୍ଲିକ ସ୍କୁଲ ଓଡ଼ିଶାର ପ୍ରଥମ ବିଦ୍ୟାଳୟ ଭାବେ ପିଲାମାନଙ୍କ ପାଇଁ ଉଡାନ ଓ ପ୍ରଦର୍ଶ ଶୀର୍ଷକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ଅତିଥି ବକ୍ତା ଭାବେ ରୁହିନା ପ୍ରିୟଦର୍ଶିନୀ ଯୋଗ ଦେଇ ସକାରାତ୍ମକ ଓ ମନସ୍ତାତ୍ତ୍ୱିକ ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ଶହେଜଣ ଅଭିଭାବକ ଯୋଗଦେଇଥିବାବେଳେ ବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପିଲାମାନେ ନିଜ ଦକ୍ଷତା ଓ ନିଜ ଭିତରର ଶ୍ରେଷ୍ଠତାକୁ ପ୍ରଦର୍ଶନ କରିବା ପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶିକା ଶିକ୍ଷାବିତ୍ ଡକ୍ଟର ମେଘନା ମିଶ୍ର ମତବ୍ୟକ୍ତ କରିଥିଲେ। ସେହିପରି ବିଦ୍ୟାଳୟ ପକ୍ଷରୁ ଲିଟେରୋରୀ କ୍ଲବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟ ସମୂହର ନିର୍ଦ୍ଦେଶିକା ଡକ୍ଟର ମେଘନା ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ତିନିଶହ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବାବେଳେ ପିଲାମାନଙ୍କର ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭାର ଉନ୍ମୋଚନ କରିବା ଏହି କାର୍ଯ୍ୟକ୍ରମର ମୂଳ ତାତ୍ପର୍ଯ୍ୟ ବୋଲି ସେ ମତବ୍ୟକ୍ତ କରିବା ସହ ଏହି କ୍ଲବ ବିପୁଳ ସଫଳତା ପାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ।

## ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ସୃଷ୍ଟି ପ୍ରିମିୟମ୍‌ଠାରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୀତାଞ୍ଜଳିର ପନ୍ଦରତମ ସ୍ୱନକ୍ଷତ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ ମୁଖ୍ୟ ଅତିଥି, ସଭାପତି ସୁଭାଷ ଚନ୍ଦ୍ର ମୁଖାର୍ଜୀ, ଉପଦେଷ୍ଟା ଡ. ସଜାଲେନ୍ଦୁ ମାଲକାର, ଉପସଭାପତି ହର୍ଷବର୍ଦ୍ଧନ ଭରଦ୍ୱାଜ ଯୋଗଦେଇ ରବୀନ୍ଦ୍ର ନାଥ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସୁଜାତା ରାହାଙ୍କ ଆବାହକତ୍ୱରେ ସଂଗୀତ କାର୍ଯ୍ୟକ୍ରମ ହେବା ସହିତ ମାତୃଭାଷାର ବିକାଶ, ସାମାଜିକ କାର୍ଯ୍ୟକ୍ରମ ପ୍ରମୁଖ ଆଗେଇ ନେବାକୁ କହିଥିଲେ। ସାଧାରଣ ସମ୍ପାଦକ ତପନ କୁମାର ରାହା ବିବରଣୀ ରଖିବା ସହ ସମସ୍ତେ ରାଷ୍ଟ୍ର ପାଇଁ ନିଷ୍ଠା, ସମର୍ପଣ ଭାବ ରଖନ୍ତୁ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପୂର୍ବତନ ବିଧାୟକ ଗୋପ ନାରାୟଣ ଦାସଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର (ପିଏନ୍)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ ଶୋକବାର୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସ୍ୱର୍ଗତଃ ଦାସ କଂଗ୍ରେସ ଦଳର ଜଣେ ଟାଣୁଆ ସଂଗଠକ ଥିଲେ। କଂଗ୍ରେସ ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇ ବାଲେଶ୍ୱରର ଜନସାଧାରଣଙ୍କର ସମସ୍ୟାକୁ ବିଧାନସଭାରେ ଦୃଢ଼ ଉପସ୍ଥାପନ କରିବା ଏବଂ ତାର ପ୍ରତିକାର କରିବାରେ ସେ କେବେ ଅବହେଳା କରିନାହାନ୍ତି। ନିଜ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ସେ ଜଣେ ସ୍ନେହୀ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସମସ୍ତଙ୍କ ନିକଟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ତାଙ୍କ ବିୟୋଗ କଂଗ୍ରେସ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସ୍ୱର୍ଗତଃ ଆତ୍ମାର ସଦଗତି କାମନା କରିବା ସହ ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।


2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି । ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି । ହିନ୍ଦୁସ୍ଥାନ ସମାଚାର/ହେମନ୍ତ/ଭାନୁ

# ପିଆଜ ଦର କମୁନି- ଚିନ୍ତାରେ ଖାଉଟି

ନୂଆପଡା, (ପିଏନ) ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

# ଗ୍ଲୋବାଲ ସ୍କୁଲ ଆୱାଡ୍ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାଡ୍ -୨୦୨୦ ପାଇଥିବା ଜଣାପଡିଛି । ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାଡ୍ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରପରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି । ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି । ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

# ସିନାପାଲି ହାଇସ୍କୁଲ ଶିକ୍ଷକଙ୍କ ପରଲୋକ

ନୂଆପଡା, (ପିଏନ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୀର ମେହେର(୫୫)ଙ୍କ ଗୁରୁବାର ପୂର୍ବାହ୍ନରେ ହାତୀବନ୍ଧା ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି । ସେ ଶାରୀରିକ ସୁସ୍ଥ ଥିବା ବେଳେ ଆଜି ହଠାତ୍ ଅସୁସ୍ଥ ଅନୁଭବ କରି ହଠାତ୍ ଟଳିପଡି ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କ ପୈତୃକ ଭିଟାମାଟି ହାତୀବନ୍ଧା ସ୍ଥିତ ଶ୍ମଶାନ ଭୂମିରେ ଶବସତ୍କାର କରାଯାଇଛି ।

# ମତୁଆ ଧର୍ମ ରୀତିରେ ଦୁଇଟି ବିବାହ କାର୍ଯ୍ୟ ସଂପନ୍ନ

ମାଲକାନଗିରି ।ତା: ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ପଟେରୁ ସ୍ଥିତ କେନ୍ଦ୍ରୀୟ ହରି ମନ୍ଦିର ପ୍ରାଙ୍ଗଣରେ ମତୁଆ ଧର୍ମ ର ରୀତି ନୀତି ଅନୁଯାୟୀ ସର୍ବଭାରତୀୟ ମୁତୁଆଚାର୍ଯ୍ୟ ରବିନ ବିଶ୍ୱାସଙ୍କ ପୌରହିତ୍ୟରେବର ସୁମନ ସର୍ଦ୍ଦାର ଙ୍କ ସହିତ କନ୍ୟା ନିତୀ ପାଲଙ୍କ ବିବାହ କାର୍ଯ୍ୟ ସଂପନ୍ନ ହୋଇ ଯାଇଛି ।ବିବରଣୀରୁ ପ୍ରକାଶ ଯେ ଏହି ବିବାହରେ ବିନା ବ୍ରାହ୍ମଣ, ବିନା ଜାତକ ଏବଂ ବିନା ଯୌତୁକରେ ଦୁଇ ପରିବାରଙ୍କ ସହମତିରେ ଗତ ୨୭ ତାରିଖ ଦିନ ପଟେରୁ ସ୍ଥିତ କେନ୍ଦ୍ରୀୟ ହରି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏମଭି-୯୦ ଗ୍ରାମର ନିର୍ମଳ ସର୍ଦ୍ଦାରଙ୍କ ପୁତ୍ର ସୁମନ ସର୍ଦ୍ଦାର ଏବଂ ଏମପିଭି- ୬୬ ଗ୍ରାମର ଖକନ ପାଲଙ୍କ କନ୍ୟା ନିତୀ ପାଲଙ୍କ ସହ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସେହିପରି ଏମଭି-୭୧ ଗ୍ରାମରେ ମତୁଆ ଗୋସାଇଁ ଜଗଦୀଶ ବୈରାଗୀ ଙ୍କ ପୌରହିତ୍ୟରେ ମତୁଆ ଧର୍ମ ର ରୀତିନୀତି ଅନୁସାରେ ଅନ୍ୟ ଏକ ବିବାହ କାର୍ଯ୍ୟ ଗତ ୨୮ ତାରିଖ ଦିନ ସଂପନ୍ନ ହୋଇ ଯାଇଛି । ଏହି ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଜଗଦୀଶ ହାଲଦାରଙ୍କ କନ୍ୟା ବିଷ୍ଣୁ ପ୍ରିୟା ହାଲଦାର ଏବଂ କୃଷ୍ଣ ଚନ୍ଦ୍ର ସରକାରଙ୍କ



ପୁତ୍ର ଅମୃତ ସରକାର ।ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ନିଜ ଧର୍ମ ଓ ଧର୍ମ ଗୁରୁଙ୍କ ମତ ଅନୁସାରେ ସମସ୍ତ ସାମାଜିକ ସାଂସ୍କୃତିକ ରୀତି ନୀତି ପାଳନ କରିବାର ଅଧିକାର ରହିଛି । ଏଣୁ ବିନା ବ୍ରାହ୍ମଣରେ ମତୁଆ ରୀତି ନୀତି ଅନୁଯାୟୀ ଏହି ୨ ଗୋଟି ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇସାରିଛି । ଗୁରୁଚାନ୍ଦ ଚେତନା ମଞ୍ଚ ତରଫରୁ ଯିଏ ମତୁଆ ଧର୍ମ ରୀତିନୀତିରେ ବିବାହ ତଥା ଶ୍ରାଦ୍ଧ କ୍ରିୟା କରିବା ପାଇଁ ଆଶା ପ୍ରକଟ କରାନ୍ତି, ସେହି ପରିବାରଙ୍କୁ ଆର୍ଥିକ ସହଯୋଗ କରିବା ପାଇଁ ସଂଘ ସଭାପତି ଲକ୍ଷ୍ମଣ ଚ଼ନ୍ଦ୍ର ଘରାମୀ ଘୋଷଣା କରିଛନ୍ତି । ଏହି ବିବାହ କାର୍ଯ୍ୟରେ କେନ୍ଦ୍ରୀୟ ହରି ମନ୍ଦିର ପଟେରୁ ଧାମ ସଭାପତି ଅଶୋକ ହାଲଦାର, ସମ୍ପାଦକ ଆଶା ରଞ୍ଜନ ମାଳି,ଅନିମେଶ ମଣ୍ଡଳ, ଲକ୍ଷ୍ମଣ ଚ଼ନ୍ଦ୍ର ଘରାମୀ, ଶିଶିର ମଣ୍ଡଳ, ପ୍ରଦୀପ ତାପାଲୀ, ସୁରେଶ ଚ଼ନ୍ଦ୍ର ମଣ୍ଡଳ, ସତ୍ୟ ବେପାରୀ, ଆଶୁତୋଷ ବୈରାଗୀ, ବିଦ୍ୟୁତ ସରକାର, ପ୍ରକାଶ ଗୋସାଇଁ, ଗୌତମ ଡାଲି,ଚ଼ିତ ମିସ୍ତ୍ରୀ, ସମୀରଣ ଗାଇନ ଓ ଅରୂପ ହାଲଦାର, କେ. ଦେଶୀ ରାଜୁ ଅଚ଼ାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ ।

# ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ



କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ ାୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା । ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ । କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି । ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଇବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା । ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ ଳ ଅଶାନ୍ତ ହୋଇପଡିଛି । ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ । ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା । ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା । ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି । ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସ ୍ୱ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି । ସରପ ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି । ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି । ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ । ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି । ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପ ଅଭିଯୋଗ କରିଛନ୍ତି । ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି । ଏଥିସହ ଏହି ଅ ଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Saturday December 30, 2023 ଭୁବନେଶ୍ୱର ଶନିବାର, ଡିସେମ୍ବର ୩୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଭୋଟର ତାଳିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ



ପୁରୀ,(ପି.ଏନ): ନିର୍ବାଚନ ଆୟୋଗ ଙ୍କ ନିର୍ଦ୍ଦେଶ କ୍ରମେ ୨୦୨୪ ବର୍ଷ ପାଇଁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଚଳିତ ବର୍ଷ ଅକ୍ଟୋବର ୨୭ ତାରିଖ ଠାରୁ ଆରମ୍ଭ ହୋଇ ଥିବା ଏହି ସଂଶୋଧନ କାର୍ଯ୍ୟ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି।ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନୂତନ ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଭୋଟର ବିଶେଷ କରି ନୂତନ ଭୋଟର ମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ ପାଇଁ ୧.୧.୨୦୨୪କୁ ଯେଉଁ ମାନଙ୍କୁ ୧୮ବର୍ଷ ବା ତଦୁର୍ଦ୍ଧ ହେଉଛି ସେମାନ ଙ୍କୁ ବ୍ୟାପକ ସଚେତନ କରାଯିବ। ଗୋଟିଏ ବର୍ଷ ରେ ୪ ଥର ଅର୍ଥାତ ଜାନୁଆରୀ ୧,ଅପ୍ରେଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖକୁ ଯୋଗ୍ୟତା ସୂଚକ ତାରିଖ ଧରାଯାଇ ନୂତନ ଭୋଟର ମାନେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ୬ ନମ୍ବର ଫର୍ମରେ ଆବେଦନ କରିପାରିବେ ବୋଲି ସେ କହିଥିଲେ । ଉପଜିଲ୍ଲାପାଳ ଭବତାରଣ ସାହୁ ବିସ୍ତୃତ ସୂଚନା ଦେଇ ଭୋଟର ତାଲିକାରେ ନାମ ପଞ୍ଜିକରଣ ପାଇଁ ଆଶାୟୀ ଭୋଟର ମାନେ ଗୁଗୁଲ ପ୍ଲେ ଷ୍ଟୋରରୁ ଭୋଟର ହେଲ୍ପ ଲାଇନ ଆପ୍ ଡାଉନଲୋଡ୍ କରି ନିଜେ ଆବେଦନ କରିପାରିବେ।ପ୍ରବାସୀ ଭାରତୀୟ ଭାବେ ନାମ ପଞ୍ଜିକରଣ ପାଇଁ ଫର୍ମ ୬ କ ,ଭୋଟର ତାଲିକା ସହ ଆଧାର ସଂଯୋଗ ପାଇଁ ଫର୍ମ ନଂ ୬ ଖ,ନାମ ବାଦ ଦେବା ପାଇଁ ଫର୍ମ ନଂ ୭ ଓ ଭୋଟର ତାଲିକାରେ ତ୍ରୁଟି ସଂଶୋଧନ ପାଇଁ ଫର୍ମ ନଂ ୮ କୁ ଉପଯୋଗ କରିପାରିବେ। ଚଳିତ ମାସ ୫ ,୧୧ ୧୯ ଏବଂ ୨୫ ତାରିଖ କୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ଧାର୍ଯ୍ୟ କରାଯାଇଛି। ଏହି ଦିନ ରେ ସମସ୍ତ ବୁଥରେ ବୁଥ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଭୋଟର ମାନଙ୍କୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ରେ ସହଯୋଗ କରିବେ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ବର୍ତ୍ତମାନ ଜିଲ୍ଲା ର ୧୫୯୮ ବୁଥ ରେ ୧୩୬୩୭୮୧ ଭୋଟର ରହିଛନ୍ତି। ଏଥିରେ ୭୦୫୦୯୨ ପୁରୁଷ ଭୋଟର, ୬୫୮୬୧୧ ମହିଳା ଭୋଟର ଓ ୭୮ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ରାଜନୈତିକ ଦଳର ପ୍ରତିନିଧିମାନେ ନୂତନ ଭୋଟର ମାନଙ୍କୁ ସଚେତନ ଓ ନାମ ଅନ୍ତର୍ଭୁକ୍ତ ପାଇଁ ଉତ୍ସାହିତ କରିବାକୁ ସେ ଅନୁରୋଧ କରିଥିଲେ।ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ନିର୍ବାଚନ କାର୍ଯ୍ୟାଳୟ ର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

# ମା ଗ୍ରାମଦେବୀଙ୍କ କୋଠୀ ଶାଳଯାତ୍ରା ଉଦଯାପିତ

ଶେରଗଡ଼ (ପି.ଏନ ): ଶେରଗଡ଼ ବ୍ଲକ ଅନ୍ତର୍ଗତ କୃଷ୍ଣଛାଇ ଗ୍ରାମରେ କୋଠୀ ଶାଳ ଯାତ୍ରା ମହାଆଡମ୍ବରରେ ପାଳିତ ହୋଇଯାଇଛି। ଗ୍ରାମର ସମସ୍ତ ଗ୍ରାମବାସୀ ଅତି ଆନନ୍ଦର ସହ ଏହି ଯାତ୍ରା ରେ ସାମିଲ ହୋଇ ଉଦଯାପନ କରିଥିଲେ।ଗଞ୍ଜାମ ଜିଲ୍ଲାର ଏହି ଓଷା କୋଠୀଯାତ୍ରା ଏକ ପରମ୍ପରାଗତ । ଏହି କୋଠି ଶାଳ ଯାତ୍ରା ଗ୍ରାମରେ ରହିଥିବା ଗ୍ରାମ ଦେବୀଙ୍କ ଯାତ୍ରା, ଏହା ବର୍ଷକୁ ଥରେ ପାଳନ କରାଯାଏ କ୍ଷ ପରମ୍ପରା କୁ ବଜାୟ ରଖି ଗ୍ରାମର ଏକତା ଓ ଶାନ୍ତି ରଖିବା ଏହାର ମୂଳ ଲକ୍ଷ୍ୟ। ଏହି ଯାତ୍ରା ଦଶହରା ସମୟରେ ବାର ତିଥି ଗଣନା କରି ଏଗାର ଦିନ ଧରି ପାଳନ କରୁଛନ୍ତି ଗ୍ରାମ ବାସି କ୍ଷ ମାନସିକ ଧାରୀ ପ୍ରାର୍ଥନା କରି ମାନସିକ କରିଥାନ୍ତି ଏବଂ ପୁତ୍ର ସନ୍ତାନ ପ୍ରାପ୍ତି ନିମନ୍ତେ ମାନସିକ କରି ଉଦଯାପନ ଦିନ ଅଗ୍ନି ରେ ଚାଲିଥାନ୍ତି କ୍ଷ ଏହି ଯାତ୍ରା ରେ ବିଭିନ୍ନ ପ୍ରକାର ବେଶ ରେ ସଜାଇ ଗ୍ରାମରେ କୋଠୀ ଶାଳ ଯାତ୍ରା କରନ୍ତି। ଗାହାଣି ମାଧ୍ୟମରେ ଲୋକମାନଙ୍କୁ ପୁରାଣ କଥାବସ୍ତୁ ଲୋକଙ୍କମାଙ୍କୁ ବୁଝାଇଥାନ୍ତି ।

# ସମତା ଫାଉଣ୍ଡେସନ୍ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ



ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧିନସ୍ଥ ଡିହକଷ୍ଟି ଗ୍ରାମର ପଦନ ମଳିକ ଝିଅ ଜ୍ୟୋତି ମଳିକ ଅକାଳ ବିୟୋଗରେ ମର୍ମାହତ ହୋଇ ସମତା ଫାଉଣ୍ଡେସନ୍ ପକ୍ଷରୁ ଆର୍ଥିକ ସହାୟତା ଯୋଗେଇ ଦେଇଥିଲେ । ଏହି ଖବରଟି ବିଭିନ୍ନ ଖବର କାଗଜରେ ପ୍ରକାଶିତକୁ ଗୁରୁତ୍ୱର ସହ ଦୃଷ୍ଟିକୁ ନେଇ ଏକାଦଶ କ୍ରିୟାରେ ଘରେ ପହଞ୍ଚି ସହଯୋଗର ହାତ ବଢାଇ ଥିଲେ । ସମତା ଫାଉଣ୍ଡେସନ୍ ସଦସ୍ୟ ତାଙ୍କ ଘରେ ପହଞ୍ଚିବା ପରେ ସନ୍ତାନହୀନ ବାପା ମା'ଙ୍କ ଦୁଃଖରେ ଭାଙ୍ଗିପଡିବା ସହ ଆଖିର ଲୁହକୁ ସମ୍ଭାଳି ପାରିନଥିଲେ । ଏପରି ଘଟଣା ପରେ ବାପାଙ୍କ ଗୋଡ ଭାଙ୍ଗିବା କଷ୍ଟକୁ ଘରର ପରିସ୍ଥିତି ମୁଣ୍ଡ ବ୍ୟଥା ସହ ଉକ୍ତ ରକ୍ତଚାପ ବଢିଯିବା କାରଣରୁ ସେ ଠିକ୍ ରେ ଠିଆ ହୋଇପାରୁନଥିଲେ । ବର୍ତ୍ତମାନ ଠିଆ ହେବା ପାଇଁ ଆଶାବାଡି ହିଁ ପ୍ରକୃତ ସାଥୀ ପାଲିଟିଛି । ଏପରି ଅବସ୍ଥାରେ ପହଞ୍ଚିଲେଣି ଦିନେ ଖାଇଲେ ଦିନେ ଉପବାସରେ କଟୁଛି ଜୀବନ । ଏହି ପରିସ୍ଥିତିକୁ ଜଣାଇବା ପାଇଁ ଝିଅର ବାପା ପଦନ ବିଭିନ୍ନ ଖବର କାଗଜର ସାମ୍ବାଦିକ ଓ ସମାଜସେବୀଙ୍କୁ ଧନ୍ୟବାଦ୍ ଜଣାଇଥିଲେ ।

# ଜିଲ୍ଲା ସ୍ତରୀୟ ସୁନାମୀ ମକ ଏକ୍ସରସାଇଜ ପ୍ରଶିକ୍ଷଣ ଅନୁଷ୍ଠିତ



ପୁରୀ,(ପି.ଏନ): ପ୍ରାକୃତିକ ବିପର୍ଯ୍ୟୟ ସୂଚନା ଦେଇ ଆସେ ନାହିଁ ।କିନ୍ତୁ ସଚେତନ ଓ ସତର୍କ ହେଲେ ବିପର୍ଯ୍ୟୟର ପ୍ରଭାବ ଓ କ୍ଷୟକ୍ଷତିକୁ ରୋକାଯାଇ ପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ମତବ୍ୟକ୍ତ କରିଛନ୍ତି ।ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଓସଡାମାର ସହଯୋଗରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା ।ଚଳିତ ମାସ ୫ ତାରିଖରେ ସୁନାମୀ ଦିବସ ପାଳନ ନିମିତ୍ତ ଅନୁଷ୍ଠିତ ହେବାକୁ ଥିବା ମକ ଏକ୍ସରସାଇଜ ବା ଅଭ୍ୟାସ ସମ୍ପର୍କରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ସାହୁ ପୁରୀ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଚିତ ।ଓଡ଼ିଶାର ମୋଟ ୪୮୦ କି.ମି ବେଳାଭୂମି ମଧ୍ୟରୁ ପୁରୀ ଜିଲ୍ଲାର ପ୍ରାୟ ୧୫୦ କିମିରୁ ଊର୍ଦ୍ଧ୍ୱ ରହିଛି ।ତେଣୁ ସୁନାମୀ ଆଶଙ୍କା ରହିଅଛି। ତେବେ ବିପର୍ଯ୍ୟୟ ର ମୁକାବିଲା ପାଇଁ ଉପଯୁକ୍ତ ଯୋଜନା, ବ୍ୟାପକ ସଚେତନତା, ବିପର୍ଯ୍ୟୟ ପୂର୍ବରୁ ସତର୍କତା, ଉଦ୍ଧାର, ଓ ପରେ ଥଇଥାନ ଓ ସହଯୋଗ ପାଇଁ ଜନ ଜାଗରଣ ଏହି ଦିବସ ପାଳନ ର ମୁଖ୍ୟ ଉଦ୍ଦେଶ୍ୟ । ସମସ୍ତ ଜୀବନ ମୂଲ୍ୟବାନ ଏହାର ସୁରକ୍ଷା ସମସ୍ତ ଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ପ୍ରକଳ୍ପ ଅଧିକାରୀ ସୁକାନ୍ତ କୁମାର ଦାଶ ଯୋଗ ଦେଇ ସୁନାମୀ ର କାରଣ, ସତର୍କତା ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ ।ଚଳିତ ମାସ ୫ ତାରିଖରେ ଅସ୍ତରଙ୍ଗ ତହସିଲର ଶିଶିଓ ପଞ୍ଚାୟତ ର କେଉଟଜଙ୍ଗା ଗ୍ରାମ, କାକଟପୁର ତହସିଲ ବାଙ୍ଗୁରିଗାଁ ପଞ୍ଚାୟତର ଛୋଟପଡା ଗ୍ରାମ, ଗୋପ ତହସିଲ ସୂତନ ପଞ୍ଚାୟତ ର ଖଳକଟା ଗ୍ରାମ, ବ୍ରହ୍ମ ଗିରି ତହସିଲ ଆମ୍ବପଡା ପଞ୍ଚାୟତ ନରସିଂହ ପାଟଣା ଗ୍ରାମ ଓ କୃଷ୍ଣ ପ୍ରସାଦ ତହସିଲ ରାମଲେଙ୍କା ପଞ୍ଚାୟତ ବ୍ରାହ୍ମଣଦେଓ ଗ୍ରାମରେ ଏହି ମକ ଏକ୍ସରସାଇଜ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଥିଲେ।

# ପୁରୀ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ



ପୁରୀ, (ପି.ଏନ): ବ୍ୟାପକ ସଚେତନତା ହିଁ ମହାବ୍ୟାଧି ଦୁର୍ନୀତି ର ମୂଳୋତ୍ପାଟନ କରିପାରିବ ବୋଲି କହିଛନ୍ତି ଭୁବନେଶ୍ୱର ଦୁର୍ନୀତି ନିବାରଣ ବିଭାଗର ଏସ ପି ଅନୁପମା ଜେମସ୍। ଆଜି ପୂର୍ବାହ୍ନ ରେ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ, ଦୁର୍ନୀତି ନିବାରଣ ଶାଖା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତୀ ଜେମସ୍ ବିକଶିତ ରାଷ୍ଟ୍ର ମାନଙ୍କ ରେ ଦୁର୍ନୀତି ବହୁତ କମ।ଆମ ଦେଶ ର ଜିଡିପିର ଶତକଡା ପ୍ରାୟ ୫ ଭାଗ ଦୁର୍ନୀତି ହେଉଛି।ଦୁର୍ନୀତି ନିବାରଣ ବିଭାଗ କେବଳ ଏହାକୁ ରୋକି ପାରିବ ନାହିଁ।ଏଥିପାଇଁ ଜନ ସହଯୋଗ ଓ ସଚେତନତା ଜରୁରୀ।ଜନ ସାଧାରଣ ଟୋଲ ଫ୍ରି ନମ୍ବର ୧୦୬୪ ମାଧ୍ୟମରେ ଦୁର୍ନୀତି ସମ୍ପର୍କରେ ସୂଚନା ଦେଇପାରିବେ।ସୂଚନା ଦାତା ଙ୍କ ପରିଚୟ ଗୋପନ ରଖାଯିବ ବୋଲି ସେ କହିଥିଲେ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହ ନୀତି ବିରୋଧୀ ଯେ କୌଣସି କାର୍ଯ୍ୟ ଦୁର୍ନୀତି ପଦବାଚ୍ୟ ବୋଲି କହିଥିଲେ।ଦୁର୍ନୀତି ନିବାରଣ କ୍ଷେତ୍ରରେ ସରକାରଙ୍କ ର ଶୂନ୍ୟ ସହନଶୀଳତା ବ୍ୟବସ୍ଥା ପାଇଁ ଅନେକ ଅଧିକାରୀ ଓ କର୍ମଚାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁର୍ନୀତି ରୂପକ ସାମାଜିକ ବ୍ୟାଧି କୁ ବ୍ୟାପକ ସଚେତନତା ମାଧ୍ୟମରେ ପ୍ରତିହତ କରାଯାଇ ପାରିବ ବୋଲି ସେ କହିଥିଲେ।ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ର ରେଜିଷ୍ଟ୍ରାର ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଦୁର୍ନୀତି ବିକାଶ ର ମୁଖ୍ୟ ପ୍ରତବନ୍ଧକ ବୋଲି କହିବା ସହପ୍ରତ୍ୟେକ ନିଜ ବିବେକାନୁମୋଦିତ କାର୍ଯ୍ୟ, ଉନ୍ନତ ଚରିତ୍ର ଗଠନ,ଆତ୍ମ ସଂଯମତା ଓ ଶୃଙ୍ଖଳା ରଖିଲେ ଦୁର୍ନୀତି ନିବାରଣ ସହଜ ହୋଇ ପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମ ରେ ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ,ଜିଲ୍ଲା ଅବକାରୀ ଅଧିକ୍ଷକ ଜଗଦୀଶ ସାମଲଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ର ପ୍ରତିନିଧି, ବରିଷ୍ଠ ନାଗରିକ, ଅବସର ପ୍ରାପ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ,ସ୍ୱେଚ୍ଛାସେବୀ,ଛାତ୍ରଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ସମସ୍ତ ଙ୍କୁ ଦୁର୍ନୀତି ନିବାରଣ ସଚେତନତା ଶପଥ ପାଠ କରାଇଥିଲେ।ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ,ଅତିଥି ପରିଚୟ, ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।ଶେଷରେ ପୁରୀ ଜିଲ୍ଲା ଦୁର୍ନୀତି ନିବାରଣ ଶାଖାର ଉପ ଆରକ୍ଷୀ ଅଧିକ୍ଷକ ସୋମନାଥ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray